Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 1
Tuesday, 3 March 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୩ ମାର୍ଚ୍ଚ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ପ୍ରତିଶୋଧ ପାଇଁ ରକ୍ତମୁଖା ଇରାନ

ତେହେରାନ/ୱାଶିଂଟନ/ତେଲ୍‌ଅଭିବ୍, ୨/୩(ନ୍ୟୁ.ଏ): ମଧ୍ୟପ୍ରାଚ୍ୟ ଯୁଦ୍ଧ ଅତି ଭୟଙ୍କର ରୂପ ନେଇଛି । ଇରାନ ଏହାର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ହତ୍ୟାର ପ୍ରତିଶୋଧ ନେବାପାଇଁ ଯାଚନା କରୁଛି । ଖେମିନିଙ୍କ ହତ୍ୟାର ପ୍ରତିଶୋଧ ନେବାପାଇଁ ଏହା ଦୃଢ଼ ସଂକଳ୍ପ ନେଇଛି । ଏଥିପାଇଁ ଇରାନ ଆଜି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଅଫିସ୍ ସମେତ ଇସ୍ରାଏଲର ଅନେକ ସରକାରୀ ପ୍ରତିଷ୍ଠାନ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି । ଇରାନର ଆଇପାରଗିସି (ଇସଲାମିକ ରିଭୋଲ୍ୟୁସନାରି ଗାର୍ଡ କର୍ପସ୍) ଶନିବାର କହିଛି ଯେ, ଏହା ତେଲ୍ ଅଭିବ୍‌ରେ ବେଞ୍ଜାମିନ ନେତାନ୍ୟାହୁଙ୍କ ଅଫିସ୍ ଏବଂ ହାଇଫାରେ ସୁରକ୍ଷା ଓ ସାମରିକ କେନ୍ଦ୍ର ତଥା ପୂର୍ବ ଜେରୁଜେମ୍‌ରେ ଟାର୍ଗେଟ୍ ଆକ୍ରମଣ କରିଛି । ଇରାନର ବାୟୁସେନା କମାଣ୍ଡର ମୁଖ୍ୟାଳୟକୁ ମଧ୍ୟ ଟାର୍ଗେଟ୍ କରାଯାଇଛି ବୋଲି ଇରାନ ଦାବି କରିଛି । ଅନ୍ୟପକ୍ଷେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) କହିଛି ଯେ, ଇରାନ ପଟୁ ଇସ୍ରାଏଲକୁ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିବା ବେଳେ ଏହାକୁ ଖସାଇ ଦିଆଯାଇଛି ଏବଂ ତେହେରାନରେ ଏହା ପୁଣିଥରେ ସତ୍ୟ ଆକ୍ରମଣ ଆରମ୍ଭ କରିଛି । ଇସ୍ରାଏଲ ଆଜି ଦକ୍ଷିଣ ତେହେରାନର ଗାଜୀ ହସ୍ପିଟାଲ୍ ଉପରେ ଆକ୍ରମଣ କରିଛି । ହସ୍ପିଟାଲରୁ ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାର ଚିତ୍ରିତ ଜାରି କରାଯାଇଛି । କିନ୍ତୁ ଏହି ଘଟଣାରେ କେତେ ମୃତାହତ ହୋଇଛନ୍ତି ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଇରାନର କୂଟନୈତିକ ପୁଲିସ କେନ୍ଦ୍ର ଉପରେ ମଧ୍ୟ ଏହା ଆକ୍ରମଣ କରିଥିବା ଦାବି କରିଛି । ତେବେ ଶନିବାରଠାରୁ ଇସ୍ରାଏଲ-ଆମେରିକାର ମିଳିତ ଆକ୍ରମଣରେ ଇରାନରେ ୫୫୫ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୭୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଅନ୍ୟପକ୍ଷେ ଇସ୍ରାଏଲରେ ଇରାନ ଆକ୍ରମଣରେ ପ୍ରାୟ ୯ ଜଣଙ୍କର ମୃତ୍ୟୁ ହୋଇଛି । ଇରାନ-ସମର୍ଥିତ ହେଜବୁଲ୍ଲା ଆଜି ଲେବାନନ୍‌ରୁ ଇସ୍ରାଏଲ ଉପରେ ରକେଟ୍, ଓ ଡ୍ରୋନ୍ ଆକ୍ରମଣ କରିଥିବାବେଳେ ଇସ୍ରାଏଲ ବେରୁତ୍‌ର ଦକ୍ଷିଣ ସହରତଳି ଅଞ୍ଚଳ ଓ ଦକ୍ଷିଣ ଲେବାନନ୍‌ରେ ଆକ୍ରମଣ କରିଛି । ଏଥିରେ ୩୧ ଜଣଙ୍କର ମୃତ୍ୟୁ ହୋଇଛି । ଖେମିନିଙ୍କ ମୃତ୍ୟୁ ପରେ ଇରାନ ରକ୍ତମୁଖା ହୋଇପଡ଼ିଛି । ଏହା ଆମେରିକା ସହ କୌଣସି ପ୍ରକାର କୂଟନୀତି କରିବନି ବୋଲି ସ୍ପଷ୍ଟ କରିଦେଇଛି । ଇରାନର କଣେ ବରିଷ୍ଠ ଅଫିସର ଅଲି ଲାରିଜାନି କହିଛନ୍ତି, ଆମେରିକା ସହ କୌଣସି ପ୍ରକାର କୂଟନୀତି ହେବନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର କଥାବାର୍ତ୍ତା ପାଇଁ ସଙ୍କେତ ଦେଇଥିଲେ ମଧ୍ୟ ଇରାନ ମନା କରିଦେଇଛି । ଏହି ସଂଘର୍ଷ ଏବେ ବୈଶ୍ୱିକ ଶକ୍ତି ବଜାରକୁ ପ୍ରଭାବିତ କରିଛି । ଇରାନର ଏକ ଡ୍ରୋନ୍ ସାଉଦି ଆରବର ରାସ ତନୁରା ବିଶୋଧନାଗାରରେ ମାଡ଼ ହେବା ଫଳରେ ଏଠାରେ ଅସ୍ଥାୟୀ ଭାବେ କାର୍ଯ୍ୟ ବନ୍ଦ ରହିଛି । ଅନ୍ୟପକ୍ଷେ ଓମାନରେ ଏକ ତୈଳ ଟ୍ୟାଙ୍କର ସହ ଏକ ଡ୍ରୋନ୍ ବୋଟ୍ ମାଡ଼ ହେବା ଫଳରେ ନିଆଁ ଲାଗିଯାଇଛି ଏବଂ ଏଥିରେ ଜଣେ ଭାରତୀୟଙ୍କର ମୃତ୍ୟୁ ଘଟିଛି । ଇତି ମଧ୍ୟରେ ଇରାନ ବିରୋଧରେ ଜାରି ରହିଥିବା ଅପରେସନ୍‌ରେ ଲାଭ ନେଇଥିବା ୩ ଆମେରିକୀୟ ଲଢ଼ୁଆ ବିମାନକୁ ଆଜି କୁୱେତ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଦ୍ୱାରା ଖସାଇ ଦିଆଯାଇଛି । ଆମେରିକାର କେନ୍ଦ୍ରୀୟ କମାଣ୍ଡ ଏନେଇ ସ୍ପଷ୍ଟ କରିଛି ଏବଂ ୩ଟି ଏଫ୍-୧୫ ଯୁଦ୍ଧ ବିମାନରୁ ୬ ଜଣ କୁ ସବୁ ସୁରକ୍ଷିତ ବହାରିଯାଇଥିବା କହିଛି ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ: ପ୍ରବାସୀ ଓଡ଼ିଆଙ୍କ ସୁରକ୍ଷା ଚିନ୍ତା

ଭୁବନେଶ୍ୱର, ୨/୩ (ଆ.ପ୍ର) : ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତିରେ ପ୍ରବାସୀ ଓଡ଼ିଆମାନଙ୍କ ସୁରକ୍ଷା ଓ ସେମାନଙ୍କର ସ୍ଥିତି ସମ୍ପର୍କରେ ପ୍ରସ୍ତୁତି ଓ କାର୍ଯ୍ୟାନୁଷ୍ଠାନ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ସଂଧ୍ୟାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିସ୍ଥିତିକୁ ନଜର କରି ପ୍ରସ୍ତୁତି ରଖିବା ଓ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ ଦେଇଛନ୍ତି । ସୂଚନା ଯୋଗାଯେ, ଏଥିପାଇଁ ଭାରତର ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ଏକ ୨୪ ଘଣ୍ଟିଆ ଟୋଲଫ୍ରି ନମ୍ବର ୮୦୦-୪୬୩୪୨, ହ୍ୱାଟ୍ସ ଆପ୍ ନଂ- ୯୭୧୫୫୪୩୦୯୦୫୫୬୧ ଜାରି କରାଯାଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସହାୟତା ଓ ସୂଚନା ନେଇ ଓଡ଼ିଶା ମୋ ପରିବାର, ରାଜ୍ୟ ଗୃହ (ସ୍ୱରାଷ୍ଟ୍ର) ବିଭାଗ, ରାଜ୍ୟ ଶ୍ରମ ନିର୍ଦ୍ଦେଶାଳୟ, ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା (ପ୍ରୋଟେକ୍ଟର ଅଫ ଏମିଗ୍ରାଣ୍ଟସ୍)ଙ୍କ ସହ ମିଳିତଭାବେ ଏକ ଖିଙ୍କି ଗୃହ ଗଠନ କରାଯାଇଛି । ପରିସ୍ଥିତିକୁ ନଜରରେ ରଖାଯାଇଛି । ଓଡ଼ିଶା ପରିବାର ସ୍ୱତନ୍ତ୍ର କାର୍ଯ୍ୟାଗତ ଅଧିକାରୀଙ୍କୁ ପ୍ରତିଦିନ ପଞ୍ଚା ନୋଡାଲ ଅଫାରୀ ଲାଇ ସୂଚନା ଓ ସହାୟତା ପାଇଁ କାର୍ଯ୍ୟରତ ଅଛନ୍ତି (ଦୂରଭାଷ ନମ୍ବର- ୯୫୮୩୩୨ ୧୯୬୪) । ଡିଜିପି ଖାଲ ବି ଖୁରାନିଆ ବୈଠକରେ ଯୋଗଦେଇ କହିଛନ୍ତି ଯେ, ସ୍ଥିତିକୁ ଅତି ନିକଟରୁ ନଜର ରଖାଯାଇ ଆବଶ୍ୟକ ପଦକ୍ଷେପ ନିଆଗଲା । ସଂଘୁକ୍ତ ସମସ୍ତ ଅଧିକାରୀମାନଙ୍କୁ ଆଲର୍ଟ କରାଯାଇଛି । ପରିସ୍ଥିତି ନିୟନ୍ତ୍ରଣାଧିନ ଅଛି । ସାମାଜିକ ଗଣମାଧ୍ୟମରେ ହେଉଥିବା ପୋଷ୍ଟଗୁଡ଼ିକୁ କଡ଼କଡ଼ି ଅନୁଧ୍ୟାନ କରାଯାଇ ଜରୁରୀକାଳୀନ କିଡିରେ ପଦକ୍ଷେପ ନିଆଯାଉଛି । ବୈଠକରେ ରାଜ୍ୟ ଗୃହ (ସ୍ୱରାଷ୍ଟ୍ର ବିଭାଗ) ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ ଆର.ପି.କୋଟେ, ଓଡ଼ିଶା ମୋ ପରିବାରର ନିର୍ଦ୍ଦେଶକ ତଥା ରାଜ୍ୟ ସଂସ୍କୃତି ବିଭାଗର ସଚିବ ଡଃ. ବିଜୟକେତନ ଉପାଧ୍ୟାୟ, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

ଅଗଣିତ ପାଠକ, ଖବରଦାତା, ବିଜ୍ଞାପନଦାତା ତଥା ଶୁଭେଚ୍ଛୁ ମାନଙ୍କୁ ପବିତ୍ର ଦୋଳପୂର୍ଣ୍ଣିମା ଓ ରଙ୍ଗର ଉତ୍ସବ ହୋଲି ଅବସରରେ ଶୁଭେଚ୍ଛା ଜଣାଉଛୁ । ପ୍ରଭୁ ଜଗନ୍ନାଥଙ୍କ କରୁଣାରୁ କେବଳ ଦେହ ନୁହେଁ ମନ ବି ରଂଗୀନ ହେଇଯାଉ ସଭିଙ୍କର..
: ସମ୍ପାଦକ

ଛୁଟି

ପବିତ୍ର ଦୋଳ ଉତ୍ସବ ଓ ହୋଲି ଉପଲକ୍ଷେ ଆସନ୍ତା ୩/୩/୨୦୨୬ ମଙ୍ଗଳବାର ଓ ୪/୩/୨୦୨୬ ବୁଧବାର ଦୁଇ ଦିନ ଆମର କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ଆସନ୍ତା ୬/୩/୨୦୨୬ ଶୁକ୍ରବାର ସକାଳେ ପ୍ରକାଶ ପାଇବ ।
: ପ୍ରକାଶକ

ଖାମେନେଇଙ୍କ ମୃତ୍ୟୁ ପରେ କଶ୍ମୀର ଅଶାନ୍ତ

ନୂଆଦିଲ୍ଲୀ, ୨/୩(ନ୍ୟୁ.ଏ): ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନର ସୁପ୍ରିମ ଲିଡର ଆୟୋତୁଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ ପରେ ପୂରା ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଆରମ୍ଭ ହୋଇଛି । ଏହାର ପ୍ରଭାବ ଭାରତର ଜମ୍ମୁ-କଶ୍ମୀରରେ ମଧ୍ୟ ଦେଖିବାକୁ ମିଳିଛି । ଶିଆ ଧର୍ମର ସର୍ବୋଚ୍ଚ ଧାର୍ମିକ ନେତା ଖାମେନେଇଙ୍କ ହତ୍ୟା ପ୍ରତିବାଦରେ ଆଜି କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଜମ୍ମୁ-କଶ୍ମୀରରେ ବିକ୍ଷୋଭ ଶୋଭାଯାତ୍ରା ଦେଖିବାକୁ ମିଳିଛି । ବିକ୍ଷୋଭ ଯୋଗୁ ପ୍ରଶାସନ ପକ୍ଷରୁ ଶ୍ରୀନଗର ସମେତ ବିଭିନ୍ନ ସ୍ଥାନରେ କଟକଣା ଲାଗୁ କରାଯାଇଛି । କଟକଣା ସତ୍ତ୍ୱେ ଆଜି ଶ୍ରୀନଗରରେ ଖାମେନେଇଙ୍କ ଫଟୋ ଧରି ଶତାଧିକ ଲୋକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନଙ୍କୁ ଘେରିଢ଼ାଳିବା ପାଇଁ ପୁଲିସ୍ ପକ୍ଷରୁ ଲାଠିଚାର୍ଜ ସହ ଲୁହବୁହା ଗ୍ୟାସ ମାଡ଼ କରାଯାଇଛି । ବିକ୍ଷୋଭକାରୀମାନେ ମଧ୍ୟ ପୁଲିସ ସହ ଧସ୍ତାଧସ୍ତି କରିଛନ୍ତି । ଏହାକୁ ନେଇ କଶ୍ମୀରରେ ଉତେଜନା ଦେଖିବାକୁ ମିଳିଛି । ରବିବାର ମଧ୍ୟ ଶତାଧିକ ଲୋକ ଶ୍ରୀନଗରର ଲାଲଚୌକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିଲ୍ଲାର ସନ୍ତରମନ୍ତରରେ ମଧ୍ୟ ମହିଳା ଓ ଯୁବକମାନେ ଖାମେନେଇଙ୍କ ସମର୍ଥନରେ ବାହାଣି ମିଳନ ଅସବ୍ଦେଷ୍ଟ ପ୍ରକାଶ କରିଛନ୍ତି । ସେମାନେ ଆମେରିକା ଓ ଇସ୍ରାଏଲକୁ କଡ଼ା ଭାଷାରେ ସମାଲୋଚନା ମଧ୍ୟ କରିଛନ୍ତି । ଖାମେନେଇଙ୍କ ମୃତ୍ୟୁ ପରେ ଭାରତରେ ସାଂପ୍ରଦାୟିକ ଅଶାନ୍ତି ବୃଦ୍ଧି ପାଇବାର ଆଶଙ୍କା ଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି । ଏଥିପାଇଁ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ମନ୍ତ୍ରଣାଳୟ ଚିଠି ଲେଖି ପ୍ରତିଷେଧକମୂଳକ ବ୍ୟବସ୍ଥା ଜରିବାକୁ କହିଛି । ମନ୍ତ୍ରଣାଳୟର ଏପରି ପରାମର୍ଶ ପରେ ଶ୍ରୀନଗର ସମେତ ବିଭିନ୍ନ ସ୍ଥାନରେ କଟକଣା ଲଗାଯାଇଥିଲା । ତଥାପି ଖାମେନେଇଙ୍କ ସମର୍ଥନରେ ବିକ୍ଷୋଭ ଶୋଭାଯାତ୍ରା କଶ୍ମୀର ଠାରୁ ଆରମ୍ଭ କରି ଆଜମେର ଭଳି ସ୍ଥାନରେ ଦେଖିବାକୁ ମିଳିଛି । ଏଥିପାଇଁ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି । ବିଭିନ୍ନ ସ୍ଥାନରେ ଲୋକଙ୍କୁ ଶାନ୍ତି ବଜାୟ ରଖିବାକୁ ମଧ୍ୟ କୁହାଯାଇଛି । ଲୋକମାନେ ଜିବ୍ରୁ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍ୟାନହୁଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେମାନେ ପୂରା ବିଶ୍ୱକୁ ଇରାନରେ ଘଟିଥିବା ଘଟଣା ଉପରେ ଥରେ ଗୁରୁତ୍ୱର ସହ ବିଚାର କରିବାକୁ ନିବେଦନ କରିଛନ୍ତି ।

ମାର୍ଚ୍ଚ ୨୫ରେ ହେବ ରତ୍ନଭଣ୍ଡାର ଗଣତି ମଣତି

ପୁରୀ, ୨/୩ (ଆ.ପ୍ର) : ସରିଳା ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ । ଦୂର ଦେଶା ଲୋକଙ୍କ ସ୍ୱାଦ ଓ ଆଶଙ୍କା । ଆସନ୍ତା ମାର୍ଚ୍ଚ ମାସ ୨୫ ତାରିଖ ବୁଧବାର ଦିନ ହେବ ଅଳଙ୍କାର ଗଣତିମଣତି ପ୍ରକ୍ରିୟା । ଏହି ପ୍ରକ୍ରିୟାରେ ୨ଟି ଟିମ ଉପସ୍ଥିତ ରହିବେ । ଦିନ ୧୨.୨୦ରୁ ୧.୪୫ ମଧ୍ୟରେ ବାହାରିଛି ମାଇନ୍ଦ୍ରବେଳା । ଦ୍ୱିତ୍ତ ଶୁଦ୍ଧ ସମ୍ପତ୍ତୀ ଠିସ୍ତରେ ଖୋଲାଯାଇ ଗଣତିମଣତି ପ୍ରକ୍ରିୟା ଆରମ୍ଭ ହେବ । ଏନେଇ ପରିଚାଳନା କମିଟିରେ ନିଷ୍ପତ୍ତି ନିଆଯାଇଛି । ତିନୋଟି ପର୍ଯ୍ୟାୟରେ ଅଳଙ୍କାର ଗଣତିମଣତି ହେବ । ପ୍ରଥମେ ଡଳଣି,ପରେ ବାହାର ଓ ଶେଷରେ ଭିତର ରତ୍ନଭଣ୍ଡାରରୁ ଅଳଙ୍କାର ଗଣତିମଣତି ହେବ । ଗଣତିମଣତି ସମୟରେ ବାହାର କାଠ ଦର୍ଶନ ହେବ । ଶନିବାର ରବିବାର ସମେତ ଯାତ୍ରା ଯାତ୍ରା ଓ ନିତି ବହୁଳ ସମୟରେ ଗଣତିମଣତି କରାଯିବ ନାହିଁ । ଗଣତିମଣତି ସମୟରେ ଡ଼ିଜିଟାଇଜେସନ ଓ ସ୍ୱଚ୍ଛତା ଅବଲମ୍ବନ କରାଯିବ । ଏ ନେଇ କୋର୍ଟକୁ ଅବଗତ କରାଯିବ ।

ଆଜି ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ

ଭୁବନେଶ୍ୱର, ୨/୩ (ଆ.ପ୍ର) : ଆସନ୍ତାକାଲି ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ । ଦୋଳ ପୂର୍ଣ୍ଣିମାରେ ପଡ଼ିବ ଗ୍ରହଣ ଛାୟା । ଅପରାହ୍ନ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶ । କେତେବେଳେ ସର୍ବମୋକ୍ଷ ? କେତେବେଳେ କରିବେ ହାଣ୍ଡିଛାଡ଼ ? କେଉଁ ରାଶି ପାଇଁ ଶୁଭ ଓ କେଉଁ ରାଶିକୁ ବିପଦ ? ଦୋଳ ପୂର୍ଣ୍ଣିମାରେ ପଡିବ ଗ୍ରହଣ ଛାୟା । କେତେବେଳେ କରିବେ ହାଣ୍ଡିଛାଡ଼ ? କେତେବେଳେ ସର୍ବମୋକ୍ଷ ? କେଉଁ ରାଶି ପାଇଁ ଶୁଭ ଓ କେଉଁ ରାଶିକୁ ବିପଦ ? ଏମିତିକା ପ୍ରଶ୍ନ ଏବେ ସାଧାରଣ ମନରେ । ଆସନ୍ତାକାଲି ଚଳିତ ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ହେଉଛି । ଏହା ଦେଖିବୁଗ୍ରସ ଚନ୍ଦ୍ରଗ୍ରହଣ । ଭାରତୀୟ ପାଶ୍ଚାତ୍ୟ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଉତର ପୂର୍ବ ରାଜ୍ୟ ଗୁଜିକ ଓ ଅଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଚନ୍ଦ୍ରଗ୍ରହଣ ସମ୍ପୂର୍ଣ୍ଣ ଦୃଶ୍ୟମାନ ହେବ । ହେଲେ ଅବଶିଷ୍ଟ ଭାରତରେ ଚନ୍ଦ୍ରଗ୍ରହଣର ଶେଷ ପର୍ଯ୍ୟାୟ ଦୃଶ୍ୟମାନ ହେବ । ଜ୍ୟୋତିର୍ବିଦଙ୍କ ଅନୁସାରେ, ଅପରାହ୍ନ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ଆରମ୍ଭ । ପୂର୍ଣ୍ଣ ଗ୍ରହଣ ଗ୍ରସ ଅବଧି ୫୬ ମିନିଟ୍ ୦୬ ସେକେଣ୍ଡ ରହିବ । ସନ୍ଧ୍ୟା ୬ଟା ୪୭ ମିନିଟରେ ଗ୍ରହଣ ସର୍ବମୋକ୍ଷ । ତେବେ ମଙ୍ଗଳବାର ସକାଳ ୬ଟା ୪ ମିନିଟରୁ ହାଣ୍ଡି ଛାଡ଼ ହେବ । ଏଥର ହାଣ୍ଡି ଛାଡ଼ ଅବଧି ପ୍ରାୟ ୧୩ ଘଂଟାରୁ ଅଧିକ ରହିବି । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଚନ୍ଦ୍ରଗ୍ରହଣର ଗାତ କାଳ ସମୟକୁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଗ୍ରହଣ ଆରମ୍ଭ ହେବାର ୯ ଘଂଟା ପୂର୍ବରୁ ଗାତ ସମୟ ଆରମ୍ଭ ହେବ । ଏଣୁ ଏହି ସମୟ ମଧ୍ୟରେ କୌଣସି ଶୁଭ କାର୍ଯ୍ୟ କରିବା ଅନୁଚିତ । ମଙ୍ଗଳବାର ସକାଳ ୬.୨୦ରେ ଗାତ କାଳ ଆରମ୍ଭ ହେଉଥିବାବେଳେ ସନ୍ଧ୍ୟା ୬.୪୬ରେ ଗାତ କାଳ ଶେଷ ହେବ ।



 କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କ୍ଷେତ୍ରବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚିଲିକା/ଟାଙ୍ଗୀ, ୨/୩ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କ୍ଷେତ୍ରବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁଡୁଡ଼ିର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସେସି ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଚିଲିକା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡାକ୍ତର ବିଭୂତି କୁଣ୍ଡର ହରିଚନ୍ଦନ, ମୁଖ୍ୟବକ୍ତା ରୂପେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରାଥମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ନିରବେଦିତା ପାଣି ,ସମ୍ମାନିତ ଅତିଥି ଭାବେ ସହଗୋଷ୍ଠୀ ଶିକ୍ଷାଧିକାରୀ ସଞ୍ଜୁଲତା ବେହେରା , ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲିପିକା ଶ୍ରୀଚନ୍ଦନ , କୁଡୁଡ଼ି ଗ୍ରାମ ପଂଚାୟତ ସରପଂଚ ପ୍ରିୟମଦା ବେହେରା, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, କ୍ରୀଡ଼ାବିତ ଓ ଆଲନାଜାତୀୟ ମନୋଜ କୁମାର

ମାନସିଂହ, କ୍ଷେତ୍ରବାସୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ଦେଇ ପ୍ରମୁଖ ଯୋଗ ଦେଇଥିଲେ ।ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଛାତ୍ର ଛାତ୍ରୀ ମାନଙ୍କୁ ଶୁ ମାରଗିରେ ହୋଇ ଦେଶ ଜାତିର ସମ୍ମାନ ରକ୍ଷାପାଇଁ ପରାମର୍ଶ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା ସ୍ୱାଗତ ସଂଭାଷଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ହସ୍ତ ଲେଖା ମାଗାଜିନ ନବସର୍ଜନା ଉନ୍ମୋଚନ ହୋଇଥିଲା । ଯୁକ୍ତ ନିର୍ଦ୍ଦେଶକ ଶ୍ରୀମତୀ ପାଣିଙ୍କୁ ଡାକ୍ତର ହରିଚନ୍ଦନ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ । ଏହି ଅବସରରେ କୃତୀ ଶିକ୍ଷାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ବିଭାଗରୁ ସପ୍ତମ ଶ୍ରେଣୀ ଛାତ୍ର ଆଦିତ୍ୟ ପ୍ରଧାନ ଓ ଜନିଷ୍ଠ ବିଭାଗରୁ ଫଂଟମ ଶ୍ରେଣୀ ଛାତ୍ର ସମ୍ବତ ରାଉତଙ୍କୁ ବିଦ୍ୟାଳୟର ଏବର୍ଷର ସର୍ବୋତମ ଶିକ୍ଷାର୍ଥୀ ରୂପେ ରଙ୍ଗିନ ଟ୍ରଫୀ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସମରେଶ ବେହେରା ମଂଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ସମ୍ବିତା ବଡଚଡହେରା ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟରେ ଶୌନ୍ଦରଜାଲ ମହାରଣା, ଅନନ୍ତ ଚରଣ ବାରିକ, ସୁଚିତ୍ରା ରାଉତରାୟ, ସ୍ନେହଲତା ନାୟକ, ତନୁଜା ସାହୁ, ବ୍ୟୋମକିର୍ମିଣୀ ରାଉତ,କଳ୍ପନା ରାଉତରାୟ,ଖେଳ ଶିକ୍ଷକ ସୁମନ୍ତ ପ୍ରଧାନ, ସଙ୍ଗୀତ ଶିକ୍ଷକ ଅନୁରାଗ ଦାସ ସହଯୋଗ କରିଥିଲେ । ପରିଶେଷରେ ଶିକ୍ଷକ କାହୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ବଣାଇଁ ଉପଖଣ୍ଡର 'ଅଫିମ ସାମ୍ରାଜ୍ୟ' ବିଭାଗକୁ ମୁଣ୍ଡବିନ୍ଧା

ବଣାଇ, ୨/୩ (ଆ.ପ୍ର) : ପୁଣି ଜୋଇଡା ଅଂଚଳରେ ସାମ୍ରାଜୁ ଆସିଲା ଅଫିମ ଚାଷ । କେବଳାଙ୍ଗ ଥାନା ନୂଆ ଡଙ୍ଗରା ଗାଁରେ ଦୀର୍ଘ ୪ ମାସ ହେଲା ଚାଲିଥିଲା ବେଆଇନ ଅଫିମ ଚାଷ । ଯାହାକୁ ଆଜି ନଷ୍ଟ କରିଛି କେବଳାଙ୍ଗ ପୁଲିସ୍ ଓ ଅବକାରୀ ବିଭାଗ । ଏକ ଏକରରୁ ଊର୍ଦ୍ଧ୍ୱ କ୍ଷେତରେ ଦେଢ଼ କୋଟିରୁ ଅଧିକ ଟଙ୍କାରେ ବେଆଇନ ଅଫିମ ଚାଷ ହେଉଥିବା ବେଳେ ତାହାକୁ ଆଜି ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି । ଘଟଣା ସ୍ଥଳରେ ଜୋଇଡା ତହସିଲଦାର ମିନିକ ବିଶ୍ୱାଳ, କେବଳାଙ୍ଗ ଥାନା ଅଧିକାରୀ ଅଶୋକ କୁମାର ବେହେରା, ଓ କୋଇଡା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ସମେତ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ହେମନ୍ତ ମହାନନ୍ଦିଆ, ସୁଷ୍ମଲତା ରୋଷ୍ଟାଗୀ ଉପସ୍ଥିତ ରହିଥିଲେ । ଘଟଣାରେ ଜଣଙ୍କୁ ଅଟକ ରଖି ଅଧିକ ପଚରାଉଚରା

କରାଯାଉଛି । ଗୋଟିଏ ମାସ ମଧ୍ୟରେ କେବଳ କୋଇଡା ଅଂଚଳର ତିନୋଟି ସ୍ଥାନରେ ବେଆଇନ ଅଫିମ ଚାଷକୁ ନଷ୍ଟ କରାଯାଇଛି । ଏଣାଙ୍କୁ ଉପଖଣ୍ଡରେ ଥିବା ଫଂଟ ଜଙ୍ଗଲରେ ପୂର୍ବରୁ ଗଞ୍ଜେଇ ଚାଷ ହେଉଥିବା ବେଳେ ଏବେ ଅଫିମ ଚାଷ ଅବକାରୀ ବିଭାଗର ମୁଖବଦ୍ୟାପାର କାରଣ ସାଜିଛି । କିଛି ଦିନ ପୂର୍ବରୁ କୋଇଡା ଅଂଚଳରେ ଅଫିମ ଚାଷ ଠାକ କରି ନଷ୍ଟ କରା ଯାଇଥିବା ବେଳେ ଏବେ ମଧ୍ୟକୋଇଡା ବ୍ଲକ ଅନ୍ତର୍ଗତ କେ ବଳାଙ୍ଗ ଥାନା ଅନ୍ତର୍ଗତ ତୋଲଧରା ଗ୍ରାମ ପଂଚାୟତ ଅନ୍ତର୍ଗତ ଡାଳଡ଼ିହି ଅଂଚଳରେ ଅଫିମ ଚାଷ ହୋଇଥିବା ଖବର ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ସୋମବାର ସକାଳେ କେ ବଳାଙ୍ଗ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢଉ କରି ଡାଳଡ଼ିହି ଅଂଚଳରେ ଅବୈଧ ଭାବେ ୫୦ ଡିସିମିଲ ଜମିରେ ଚାଷ କରାଯାଇଥିବା ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଅଫିମ ଗଛକୁ କୋଇଡା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ନଷ୍ଟ କରାଯାଇଛି, ଯାହା ଆନୁମାନିକ ମୂଲ୍ୟ ଦେଢ଼ କୋଟି ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ରାୟଗଡ, ୨/୩ (ଆ.ପ୍ର) : ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ରାୟଗଡ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକ, ରାୟଗଡ଼ ବନଖଣ୍ଡ ଅଧିକାରୀ ଅଚିନ ଆନା ସାହେବ ଓହରେ, ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବି ସରୋଜିନୀ ଦେବୀ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରାୟଗଡ, ମୋନିସା ଦାସ, ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ମୋଟ ୭୧ ଟି ଅଭିଯୋଗ ଜିଲ୍ଲାପାଳଙ୍କ ପାଖକୁ ଆସିଥିଲା । ସେଥି ମଧ୍ୟରୁ ୫୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୦୯ଗୋଟି ଗ୍ରାମ ବାସୀ ମାନଙ୍କର ସାମୁହିକ ଅଭିଯୋଗ ଥିଲା । ୦୩ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା ସେମାନଙ୍କ ମଧ୍ୟରୁ ୦୩ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ରୁ ୫୦ ହଜାର ଟଙ୍କା ଏବଂ ଚାରି ଜଣଙ୍କୁ ଜିଲ୍ଲା ରେଡକ୍ରସ ସଂସ୍ଥାରୁ ୩୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ ।

ଶ୍ରୀ ଚୈତନ୍ୟ ଦେବ ନାମଯଜ୍ଞ ମହୋତ୍ସବ ଅନୁଷ୍ଠିତ

ଚିଲିକା/ବାଣପୁର, ୨/୩ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ଚିଲିକାର ପଶ୍ଚିମତଟ ସଂଲଗ୍ନ ଐତିହାସିକ ପୀଠ ହାତବରଡ଼ିହି ଗ୍ରାମର ତନସାହିରେ ୬୮ତମ

ଶ୍ରୀଚୈତନ୍ୟ ଦେବଙ୍କ ନାମଯଜ୍ଞ ମହୋତ୍ସବର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ବହୁ ପୁରାତନ ଏହି ନାମଯଜ୍ଞରେ ନିଜସ୍ୱ ଗୋଡିପୋଖରୀ ଚାରି ପରିସରରେ ବ୍ରହ୍ମଚାରୀପଣ୍ଡିତଙ୍କ ପୌରାହିତ୍ୟରେ ସପ୍ତାଧାର ଆବାହନ କ୍ରମେ ୧୦୮ ପୂର୍ଣ୍ଣକଳସ ଏକ ବିରାଟ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ନାମଯଜ୍ଞ ମଣ୍ଡଳରେ ସ୍ଥାପିତ କରାଯାଇଥିଲା । ବାବା ବନମାଳୀ ଦାସ ମହାରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ନାମଯଜ୍ଞରେ ୨୪ ପ୍ରହର ନିରବଚ୍ଛିନ୍ନ ଭାବେ ନାମସଂକୀର୍ତ୍ତନ ଜାରି ରହିଥିଲା । । ଏହି ନାମଯଜ୍ଞରେ ପାରିଜୁଡ଼ ଅଂଚଳର ପାରକ, ପଥରା, ବୁଢୁଳା ସମେତ ନବମାଳବା ତତସହିତ ଦୂରଦୂରାନ୍ତର ବହୁ ନାମସଂକୀର୍ତ୍ତନ ଦଳ ଯୋଗ ଦେଇ ଶ୍ରୀଚୈତନ୍ୟ ଠାକୁରଙ୍କ ମହୋତ୍ସବରେ ସାମିଲ ହୋଇ ନାମ ଧରିଥିଲେ । ଫେବୃଆରୀ ୨୮ ତାରିଖରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଉତ୍ସବ ଚାଲୁ ରହିବ । ଏହି ଉତ୍ସବ ସାନ୍ନିଧ୍ୟବିଶିଷ୍ଟ ପ୍ରମୁଖ କାର୍ଯ୍ୟକ୍ରମ ହୋଇଥିବାରୁ ବହୁ ମାନଗଣ୍ୟ ବ୍ୟକ୍ତି ଏଥିରେ ଉପସ୍ଥିତ ରହି ଶ୍ରୀ ଚୈତନ୍ୟ ଦେବଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ମାର୍ଚ୍ଚ ୪ ତାରିଖରେ ପୂର୍ଣ୍ଣାହୁତି ସହିତ ନଗର କୀର୍ତ୍ତନ, ସମ୍ପୂର୍ଣ୍ଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି ।

ନୂଆପଡାରେ ପ୍ରଥମ ପ୍ଲାଷ୍ଟିକ ବ୍ୟାଙ୍କ: ବରଗାଁ ଗ୍ରାମ ପଂଚାୟତରେ ଐତିହାସିକ ପଦକ୍ଷେପ

ସିନାପାଲି, ୨/୩ (ଆ.ପ୍ର) : ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନ ଅମୃତର ଲକ୍ଷ୍ୟ । ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ସରକାର ଚିଲିକୁ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠାନ କରୁଥିବା ବେଳେ ପ୍ଲାଷ୍ଟିକ ବ୍ୟାଙ୍କ ଏକ ନୂତନ ପଦକ୍ଷେପ ଭାବେ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ନୂଆପଡା ଜିଲ୍ଲାରେ ପ୍ରଥମ ଥର ପାଇଁ ସିନାପାଲି ବ୍ଲକ ଅନ୍ତର୍ଗତ ବରଗାଁ ଗ୍ରାମ ପଂଚାୟତରେ ପ୍ଲାଷ୍ଟିକ ବ୍ୟାଙ୍କର ଶୁଭାରମ୍ଭ ହୋଇଯାଇଛି । ସିନାପାଲି ବି.ଡି.ଓ କାର୍ଯ୍ୟ ଓରାମଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମ ପଂଚାୟତ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ୧୯ଟି ଡଷ୍ଟବିନ୍ ବଣ୍ଟନ କରାଯାଇଥିଲା । ଏହା ସହିତ ବର୍ଜନ ବ୍ୟାଙ୍କର ମଧ୍ୟ ଶୁଭ ଉଦ୍ଘାଟନ

କରାଯାଇଥିଲା । ଶିଶୁମାନଙ୍କ ମଧ୍ୟରେ ସ୍ୱଚ୍ଛତା ଓ ହାତଧୋଆ ଅଭ୍ୟାସ ଗଢ଼ି ତୋଳିବା ପାଇଁ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ରରେ ହାତଧୋଆ ସାମଗ୍ରୀ ମଧ୍ୟ ବଂଟନ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ଏସ୍.ୟୁ.ପି. ଟିମ୍‌ର ଅଧିକାରୀମାନେ, ସିନାପାଲି ବ୍ଲକର ଏ.ବି.ଡି.ଓ., ଅତିରିକ୍ତ ତହସିଲଦାର, ଜବୁ.ଇ.ଓ., ବି.ଆ.ରା.ସି., ଏ.ଡବ୍ଲୁ. ସୁପରଭାଇଜର, ସରପଂଚ ଯାଜ୍ଞସେନୀ ମାଝୀ, ଓ୍ୱାର୍ଡ ସଦସ୍ୟା ସଦସ୍ୟା, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ ଓ ଅଙ୍ଗନବାଡ଼ି କର୍ମୀମାନେ ସହ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁସନ୍ତ କୁମାର ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପେ ଆୟୋଜନ କରିଥିଲେ । ଆଗାମୀ ଦିନରେ ସିନାପାଲି ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମ ପଂଚାୟତରେ ଏସ୍.ୟୁ.ପି. ଟିମ୍ ଏହି ପଦକ୍ଷେପକୁ ବିସ୍ତାର କରି ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଢ଼ି ତୋଳିବା ପାଇଁ ତତ୍ପର ।

ସୁଭଦ୍ରା ଶକ୍ତି ମେଳା ମଂଚରେ କିନ୍ନରଙ୍କୁ ସୁଯୋଗ

ନବରଙ୍ଗପୁର, ୨/୩ (ଆ.ପ୍ର) : ନବରଙ୍ଗପୁର ପୋଲିସ ପଡିଆରେ ଅନୁଷ୍ଠିତ ସୁଭଦ୍ରା ଶକ୍ତି ମେଳାରେ ଜିଲ୍ଲା କିନ୍ନର ସଂଘର ସଦସ୍ୟା ମାନଙ୍କୁ ନୃତ୍ୟ ପରିବେଷଣ କରିବାକୁ ଜିଲ୍ଲା ପ୍ରଶାସନ ସୁଯୋଗ ଦେଇଛି । ନୃତ୍ୟ ଶେଷରେ ଜିଲ୍ଲା କିନ୍ନର ସଂଘର ସଦସ୍ୟା ମାନଙ୍କୁ ଉପଢୌକନ ସହ ସ୍ମୃତି ଫଳକ ଦେଇ ସମ୍ମାନିତ କରାଯାଇଥିଲା । ସୂଚନା ଯୋଗ୍ୟ ଯେ ଉଭୟ ଜିଲ୍ଲା ପ୍ରଶାସନ ଏବଂ ଅନ୍ୟ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ, କିନ୍ନର ସଂଘର ସଦସ୍ୟା ମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ରେ ସୁଯୋଗ ଦେଇ, ସମାଜରେ କିନ୍ନରଙ୍କ ପ୍ରତି ଜୈବିକସି ଭେଦଭାବ ନାହିଁ ବୋଲି ଏକ ବାର୍ତ୍ତା ସମାଜକୁ ପ୍ରଦାନ କରାଯାଇଛି । ପ୍ରଶାସନ ପକ୍ଷରୁ ଜିଲ୍ଲା କିନ୍ନର ସଂଘର ସଦସ୍ୟାଙ୍କୁ ସୁଭଦ୍ରା ଶକ୍ତି ମେଳା ମଂଚରେ ନୃତ୍ୟ ପରିବେଷଣ ନିମନ୍ତେ ସୁଯୋଗ ପ୍ରଦାନ କରିଥିବାରୁ ଜିଲ୍ଲା ପ୍ରଶାସନକୁ କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଛନ୍ତି । ପ୍ରଶାସନର ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି । ରାଜ୍ୟ ଖବର ପ୍ରସାରିତ ହେବା ପରେ କଳାକାର ମହଲରୁ ଶୁଭେଚ୍ଛାର ବାର୍ତ୍ତା ଛୁଟିଛି । ସୂଚନା ଯୋଗ୍ୟ ଯେ ଏଥି ପୂର୍ବରୁ ଜିଲ୍ଲା ଜିଡିଆରରେ ପ୍ରଥମ ଥର ପାଇଁ କିନ୍ନର ସଂଘର ସଦସ୍ୟା ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମଞ୍ଚେଇ ମଂଚରେ ନୃତ୍ୟ ପରିବେଷଣ କରିବାକୁ ସୁଯୋଗ ପ୍ରଦାନ କରାଯାଇଥିଲା ଏବଂ ସେହିପରି କିନ୍ନର ସଂଘ ର ସଦସ୍ୟା ରାଧା ଧାଳଙ୍କ ମଞ୍ଚେଇ ଲୋକ ଗୀତ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ଅଧିକାର କରି ଇତିହାସ ସୃଷ୍ଟି କରି ସାରିଛନ୍ତି । କିନ୍ନର ମାନଙ୍କ ଲୁପ୍ତାୟିତ ପ୍ରତିଭା କୁ ଲୋକ ଲୋଚନ ଆଡିବାରେ ଜିଲ୍ଲା କିନ୍ନର ସଂଘ ସଫଳ ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି । ସୂଚନା ଯୋଗ୍ୟ ଯେ ପୂର୍ବରୁ ମଧ୍ୟ କିନ୍ନର ସଂଘର ସଦସ୍ୟ ମାନେ ଗରିବ ମାନଙ୍କୁ ବର୍ଷା ମାସରେ ଛତା, ଶୀତ ମାସରେ କମ୍ବଳ, ବିଭିନ୍ନ ସମୟରେ ରକ୍ତ ସଂଗ୍ରହିତ ସଂସ୍ଥା ମାନଙ୍କରେ ରକ୍ତ ଦାନ, ବିଭିନ୍ନ ପୂଜା କମିଟି ଏବଂ କ୍ରୀଡା କମିଟି କୁ ଆର୍ଥିକ ସହାୟତା ଜିଲ୍ଲା ପ୍ରଶାସନ ସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗଦାନ ଦେଇଛନ୍ତି । ବିଭିନ୍ନ କ୍ଷେତ୍ରରେ କିନ୍ନର ସଂଘର ସଦସ୍ୟ ମାନେ ସକ୍ରିୟ ଭୂମିକା ଗ୍ରହଣ କରି ଉଦାହରଣ ସୃଷ୍ଟି କରୁଛନ୍ତି । ସଂଘ ଗଠନ ହେବା ପରେ କିନ୍ନର ମାନଙ୍କ ଏପରି ଉନ୍ନତି ଦେଖି ସଂଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ସମେତ ପ୍ରଖ୍ୟ ପରାମର୍ଶଦାତା ଜଗନ୍ନାଥ ମାଝାପାତ୍ର, ଉପଦେଷ୍ଟା ଅଧିବକ୍ତା ଶ୍ରୀନିବାସ ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏମ.ବାଲା କୃଷ୍ଣ ରାଓ, ସଂଘର ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର , ସଂଘର ମହିଳା ଉପଦେଷ୍ଟା ତଥା ସମ୍ବଳସେବୀ ଶର୍ମିଷ୍ଠା ଦେବୀ, ଅଧିବକ୍ତା କିଶୋରୀ ପଟ୍ଟନାୟକ, ଅଧ୍ୟାପିକା ତଙ୍କର ସଂଯୁକ୍ତା ପଣ୍ଡା, ପ୍ରିନ୍ସିପାଲ ସୁଶୀଳା ପଟ୍ଟନାୟକ , ଅନ୍ୟତମ ଉପଦେଷ୍ଟା ସମାଜସେବୀ ନିମାଳବାବୁ ତ୍ରିପାଠୀ, ଅଧ୍ୟାପକ ଅଜିତ ଭଟ୍ଟ, ସମ୍ବଳସେବୀ ଦୁର୍ଗା ପାତ୍ରୀ, ଲାଞ୍ଜିୟେରର ରାଜନ ମଲ୍ଲିକ, ସଂଘର ସଭାପତି ବାଲର କିନ୍ନର, ସମ୍ପାଦକ ଚୂଡାଣି କିନ୍ନର, ସହ ସମ୍ପାଦକ ପ୍ରତି କିନ୍ନର ପ୍ରମୁଖ ଖୁସି ପ୍ରକଟ କରିଛନ୍ତି ଏବଂ ସମସ୍ତ କିନ୍ନର ସଦସ୍ୟା ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ହୋଲି ପର୍ବ ଉପଲକ୍ଷେ ଉଭୟ କମ୍ୟୁନିଟିର ସମନ୍ୱୟ ବୈଠକ, ଡିଜେକୁ ବାରଣ

ଧାମନଗର, ୨/୩ (ଆ.ପ୍ର) : ଧାମନଗର ଥାନା ପରିସରରେ ଚଳିତ ମାସ ୪ ତାରିଖରେ ହୋଲି ପର୍ବ ଜିପରି ଶାନ୍ତି ଶୃଙ୍ଖଳା ରକ୍ଷା କରି ପାଳନ ହେବ ସେନେଇ ଉଭୟ କମ୍ୟୁନିଟିର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଧାମନଗର ଥାନା ଅଧିକାରୀ ସୁବୁଦ୍ଧିତ ବାଗଙ୍କ ତତ୍ତ୍ୱାବଧାନରେ ଏସ ଡି ପି ଓ ଅନିରୁଦ୍ଧ ମୁଦୁଲି ଯୋଗ ଦେଇଥିବା ବେଳେ ବରିଷ୍ଠ ସନ୍ଧ୍ୟା ବାସୁଦେବ ତ୍ରିପାଠୀ, ରାମଚନ୍ଦ୍ର ଜେନା, କୃଷ୍ଣ ଚନ୍ଦ୍ର ଜେନା,ପ୍ରତାପ ସାମଲ,ସୁଶାନ୍ତ କୁମାର ରାଉତ, ଗୋଲାମ ଜିଲାନି ହବିବି, ସେକ ଅବଦୁଲ ହାକିମ,ସେକ ଜାଫର ଅଲ୍ଲୀ, ଏମଡି ହବିବୁର ରହମାନ, ବୁଡାଜୁଟି ସମିତି ସଭ୍ୟ ଜ୍ଞାନରଞ୍ଜନ ମାଝାଳୁଡ଼, ପୂର୍ବତନ ସମିତି ସଭ୍ୟ ରାଜୀବ ଦାସ ଓ ଅନ୍ୟ କର୍ମିକର୍ତା ଉପସ୍ଥିତ ରହି ବ୍ୟାପକ ଆଲୋଚନା କରିଛନ୍ତି । ଥାନା ଅଧିକରେ ହୋଲି ମେଳଣ ଗାସ୍ତ ଓ ଶୋଭାଯାତ୍ରାରେ ଡିଜେକୁ ସମ୍ପୂର୍ଣ୍ଣ ବାରଣ ସହିତ ଦ୍ରାଫିକ ସମସ୍ୟାକୁ ଗୁରୁତ୍ୱ ଦିଆଯାଇଛି । ପରବର୍ତ୍ତୀ ସମୟରେ ମେଳଣ କମିଟିର କର୍ମକର୍ତ୍ତା ମାନଙ୍କୁ

ଶୀର୍ଷକ
ସେଠିକି ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ବିଦ୍ୟୁତ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଟିପିଏନଓଡିଏଲର କୌଶଳ ବିକାଶ କେନ୍ଦ୍ର

ବାଲେଶ୍ୱର, ୦୨/୦୩ (ଆ.ପ୍ର) : ବଢୁଛି ଦକ୍ଷତା । ବିଦ୍ୟୁତ ସେବା ଯୋଗାଣରେ ଆଧୁନିକ ଉପକରଣ ତଥା ଜ୍ଞାନକୌଶଳର ବ୍ୟବହାର ଜଗୁଛନ୍ତି ବିଦ୍ୟୁତ କର୍ମଚାରୀ ଓ କ୍ଷେତ୍ର କର୍ମଚାରୀଙ୍କ ବ୍ୟବହାରିକ ଜ୍ଞାନ ବୃଦ୍ଧି, ସୁରକ୍ଷିତ କାର୍ଯ୍ୟପନ୍ଥା ତଥା ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଦିଗରେ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ବାଲେଶ୍ୱର ସହର ସମେତ ମୟୂରଭଞ୍ଜର ବେତନଟୀ, କେଚୁଝରର ଯୋଡ଼ା, ଭଦ୍ରକର ରାଜାଞ୍ଜ ଓ ଯାଜପୁରର ପାଣିଲୋଇଲିରେ ପ୍ରତିଷ୍ଠା ହୋଇଛି କୌଶଳ ବିକାଶ କେନ୍ଦ୍ର ଓ କର୍ମଚାରୀଙ୍କ ଦକ୍ଷତା ବିକାଶ ସହ ସରକାରୀ ସଂସ୍ଥା କର୍ମଚାରୀ ତଥା ଡିପ୍ଲୋମା ଏବଂ ଆଇଟିଆଇ ଛାତ୍ରଛାତ୍ରୀଙ୍କ କୌଶଳ ଏବଂ ବ୍ୟବହାରିକ(ପ୍ରାଯୁକ୍ତିକଳା) ଜ୍ଞାନ ବୃଦ୍ଧି ଜରିବା ନେଇ ଟିପିଏନଓଡିଏଲ ପକ୍ଷରୁ ଏହା ଏକ ଅଭିନବ ପରଂପରେ । ଏହି କେନ୍ଦ୍ର ସ୍ଥାନୀୟ ଆଇଟିଆଇ ଓ ଡିପ୍ଲୋମା ଅଧ୍ୟୟନରତ ପିଲାଙ୍କ ଦକ୍ଷତା ବଢାଇବା ସହ ସେମାନଙ୍କୁ ଅଧିକ କୁଶଳୀ ଜରିବାରେ ବେଶ ସହାୟକ ହୋଇପାରିଛି ଓ ସୂଚନା ମୁତାବକ, ବିଜିନୁ ସରକାରୀ ଆଇଟିଆଇଗୁଡିକ ସହ ବୁଝାମଣା ପତ୍ର ସ୍ୱାକ୍ଷର କରି ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ପିଲାଙ୍କ ବ୍ୟବହାରିକ ଦକ୍ଷତା ବଢାଇବା ସକାଶେ ଟିପିଏନଓଡ଼ିଏଲ ପକ୍ଷରୁ ବିଗତ ବର୍ଷରେ ୫ ଜିଲ୍ଲାର ୩୫୪ଜଣ ସରକାରୀ ଆଇଟିଆଇ ଇଲେକ୍ଟ୍ରିସିଆନ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିବାବେଳେ ଚଳିତ ଆର୍ଥିକ ବର୍ଷରେ ୪୪୦ଜଣ ପିଲାଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ସମସ୍ତ କୌଶଳ ବିକାଶ କେନ୍ଦ୍ରରେ ଅତ୍ୟାଧୁନିକ ଉପକରଣ ସ୍ଥାପନ କରାଯିବା ସହ ଏହାର ବ୍ୟବହାର ସମ୍ପର୍କରେ ସେମାନଙ୍କୁ ସବିଶେଷ ତାଲିମ ମଧ୍ୟ ଦିଆଯାଉଛି । ସେହିପରି ବିଗତ ବର୍ଷରେ ୪ହଜାରରୁ ଅଧିକ କର୍ମଚାରୀ କୌଶଳ ବିକାଶ କେନ୍ଦ୍ରରେ ତାଲିମ ପାଇଥିବାବେଳେ ଚଳିତ ବର୍ଷରେ ୧୩,୮୭୭ ଜଣ ଟିପିଏନଓଡ଼ିଏଲ ତଥା ସହଯୋଗୀ ସଂସ୍ଥାର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ସମୁଦାୟ ୬୦୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ସୁରକ୍ଷା ସମ୍ପର୍କରେ ୨୩୫ଟି, ବୈଦ୍ୟୁତିକ କାର୍ଯ୍ୟ ସମ୍ପର୍କରେ ରେ ୩୭୪ଟି ତାଲିମ ପ୍ରଦାନ କରାଯାଇଛି । ସେହିପରି ଆଇଟିଆଇ ପିଲାଙ୍କୁ ସୁରକ୍ଷା, ବୈଦ୍ୟୁତିକ କାର୍ଯ୍ୟ ସମ୍ପର୍କିତ ଯୁଗପୋଯୋଗୀ ଜ୍ଞାନ, ଓ୍ୱାୟାରିଙ୍ଗ, ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଆବଶ୍ୟକ ଥିବା ଦକ୍ଷତା ଓ ଜ୍ଞାନକୌଶଳ ଆଦି ନେଇ ପ୍ରଶିକ୍ଷଣ ଦିଆଯାଇଛି । ସେହିପରି 'ଟ୍ରେନ ଟୁ ହାୟର' ଭଳି ଏକ ଅଭିନବ ଯୋଜନା ଟିପିଏନଓଡିଏଲ ପକ୍ଷରୁ ଆରମ୍ଭ କରାଯାଇଛି । ଏ ନେଇ ବିଜିନୁ ସରକାରୀ ଡିପ୍ଲୋମା କଲେଜର ଇଲେକ୍ଟ୍ରିକାଲ ଟ୍ରେଡ ପିଲାଙ୍କୁ ଜ୍ୟାମସରେ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଟିପିଏନଓଡିଏଲରେ ନିଯୁକ୍ତି ପାଇଁ ପ୍ରାଥମିକତା ମଧ୍ୟ ଦିଆଯାଉଛି । ଏହି ରଣନୀତିକ ପଦକ୍ଷେପ କେବଳ ଓଡିଶାର ଯୁବକମାନଙ୍କ ଦକ୍ଷତା ବୃଦ୍ଧି ନୁହେଁ ବରଂ ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରର ସାମଗ୍ରିକ ବିକାଶ ଏବଂ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସହାୟକ ହେଉଥିବା ଟିପିଏନଓଡ଼ିଏଲର ପରିଚାଳନା ମୁଖ୍ୟ ନିଲେଶ ପୋଟପଟେ ମତ ରଖିଛନ୍ତି । ଟିପିଏନଓଡ଼ିଏଲ ପକ୍ଷରୁ ପ୍ରଦାନ କରାଯାଇଥିବା ତାଲିମ ସେମାନଙ୍କ ପାଇଁ ଦେଶ ସହାୟକ ହୋଇଥିବା ଆଇଟିଆଇ ଛାତ୍ର ସୌମ୍ୟ ରଞ୍ଜନ ସାହୁ କହିଛନ୍ତି । ସେ କହନ୍ତି ଯେ ଏହି ପ୍ରଶିକ୍ଷଣ ପ୍ରାଯୁକ୍ତିକଳା ଜ୍ଞାନ ବୃଦ୍ଧି କରିବା ସହ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ପ୍ରତି ବିଶେଷ ଦୃଷ୍ଟି ଦେବା ନେଇ ମଧ୍ୟ ସଚେତନ କରିପାରୁଛି ଓ ବହିରେ ପଢୁଥିବା ପାଠକୁ ବାସ୍ତବ ସ୍ତରରେ ବ୍ୟବହାର କରିବା ତଥା ସେ ଦିଗରେ ଅଧିକ ଜାଣିବାକୁ ସୁଯୋଗ ଦେଉଥିବାରୁ ସେ ଟିପିଏନଓଡ଼ିଏଲକୁ ଧନ୍ୟବାଦ ଦେଇଛନ୍ତି । ତେବେ ଟିପିଏନଓଡ଼ିଏଲର କୌଶଳ ବିକାଶ କେନ୍ଦ୍ର କେବଳ ଭତମ ପ୍ରଶିକ୍ଷଣ ନୁହେଁ, ଉପଲବ୍ଧାନ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ କ୍ଷେତ୍ରରେ ମଧ୍ୟ ବିଶେଷ ସହାୟକ ହୋଇପାରିଛି । ଉତମ କାର୍ଯ୍ୟଦକ୍ଷତା ସହ କର୍ମଚାରୀମାନେ ଦାୟିତ୍ୱ ସମ୍ପାଦନ କରିବା, ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ, ବୈଦ୍ୟୁତିକ କାର୍ଯ୍ୟକଳାପରେ ଦୃର୍ଘଟଣାଙ୍କୁ ଏଡାଇବା ଦିଗରେ ମଧ୍ୟ ଏହି ପଦକ୍ଷେପ ଦେଶ୍ ଜାରିଗର ହେଉଥିବା ଦୃଷ୍ଟିମାନ ହେଉଛି ।

ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ପାଳିତ ହେଲା ମନୋଜ ଦାସଙ୍କ ଜୟନ୍ତୀ

ବାଲେଶ୍ୱର, ୦୨/୦୩ (ଆ.ପ୍ର) : ଅବିସ୍ମରଣୀୟ ପ୍ରତିଭା ପଦ୍ମଭୂଷଣ ମନୋଜ ଦାସଙ୍କର ୯୩ତମ ଜୟନ୍ତୀ ଉତ୍ସବ କବିତୀର୍ଥ ଶାନ୍ତି ଜାନନସ୍ଥିତ ଫକୀରମୋହନ ସାହିତ୍ୟ ପରିଷଦର ସଭାଗୃହରେ ଡକ୍ଟର ସୁବାସ ଚନ୍ଦ୍ର ପାଢ଼ୀଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ତଥା ଆଲୋଚକ ଭାବରେ ତରମ୍ପା ମହାବିଦ୍ୟାଳୟ, ଭଦ୍ରକର ଇଂରାଜୀ ବିଭାଗ ଅଧ୍ୟାପିକା ଡକ୍ଟର ସୁଜାତା ମହାପାତ୍ର ଯୋଗଦାନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ମନୋଜୀୟ ସାହିତ୍ୟ କର୍ମ ସବୁବର୍ତ୍ତମାନ ମଣିଷ ପାଇଁ ପ୍ରେରଣାର ଉତ୍ସ । ଧୈର୍ଯ୍ୟ, ସହାନୁଭୂତି, ସୃଷ୍ଟି ମୂଳରେ ବ୍ୟକ୍ତିତ୍ୱର ମହତ୍ତ୍ୱକୁ ପ୍ରତିପାଦନ କରିଥାଏ ତାଙ୍କର ସଦସାହିତ୍ୟ । ବେତନାଲ ଉତରଣ ଉପଦ୍ୟକା, ଭାରତୀୟ ସଂସ୍କାର ଓ ସଂସ୍କୃତିର ବାର୍ତ୍ତବହର ପ୍ରବୁଦ୍ଧ ମନିଷୀସେ । ଆଲୋଚକ-ଅଧ୍ୟାର, ବାସ୍ତବ-ଅବାସ୍ତବ, ଭୌତିକ -ଅଧିଭୌତିକ, ଲଘିଷ - ଲାଘିଯାତୀତ, ଇତରୋକ ଓ ପରଲୋକଗତ ମଧ୍ୟରେ ପାର୍ଥକ୍ୟ ନ ରଖି ସେହି ମନ୍ଥ ବିଭାଣୀ ସର୍ଜନା କରି ଚାଲିଥିଲେ ସାର୍ବଜନୀନ ସାହିତ୍ୟ ଫସଲ, ସେଗୁଡ଼ିକରେ ମଣିଷ ପଣିଆର ମାନବିକ ମୂଲ୍ୟବୋଧ ପ୍ରତିଫଳିତ ହୋଇଛି । ସମ୍ମାନକ ଡକ୍ଟର ରତ୍ନାକର ସିଂହ ପ୍ରାଜ୍ ଉପନ ରଖିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜେଶ କୁମାର ଗିରି ଅତିଥି ମାନଙ୍କୁ ମଂଚ ଆହ୍ୱାନ କରିଥିଲେ । ଯୁଗ୍ମ ସମ୍ପାଦିକା କଳ୍ପାଣୀ ନନ୍ଦ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ମନୋଜ ଦାସଙ୍କ ଉପରେ ରଚିତ ସଙ୍ଗୀତକୁ ପ୍ରାରମ୍ଭରେ ସାଥୀମାନଙ୍କ ଦ୍ୱାରା ପରିବେଷଣ କରିଥିଲେ । ଶେଷରେ କଳ୍ପାଣୀ ନନ୍ଦ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବହୁ ମାନ୍ୟଗଣ୍ୟ ସାରସ୍ୱତ ପ୍ରେମୀ ଏହି ଅବସରରେ ସଭାଳଷ୍ଟ ମଣ୍ଡନ କରିଥିଲେ ।

ଠାକୁର୍ ବୁଲାକୁ ନେଇ ବିବାଦ ବଳିପଡିଲେ ସାମ୍ବାଦିକ ଅଚେତ୍ ଅବସ୍ଥାରେ ଉଦ୍ଧାର କଲା ପୋଲିସ

ନୀଳଗିରି, ୦୨/୦୩ (ଆ.ପ୍ର) : ଆଜି ନୀଳଗିରି ଏନଏସି ଅନ୍ତର୍ଗତ କଳାଲିଆ ମୌଜାରେ ବୋଳ ଠାକୁର ବୁଲିବାକୁ ନେଇ ଦୁଇ ସାହି ମଧ୍ୟରେ ଗଣ୍ଡଗୋଳ ଓ ପଟୋ ଉତୋଳନକୁ ନେଇ ସାମ୍ବାଦିକଙ୍କୁ ମାଡ । ସୂତ୍ରମାନ୍ତ୍ର ଜଣାଯାଇଛି, ଉକ୍ତ ମୌଜାର ରାଧାସ ବିହାରି ଲୀଳ ନାମକ ଠାକୁର ଅଛନ୍ତି । ଚକୁଧରପୁର ସାହି ଓ ପୋଖରୀ ସାହି ମିଳିତ ଭାବେ ମନ୍ଦିରର ପୂଜା ଅର୍ଚ୍ଚନା, ଜାଳି ଯାତ୍ରା କରନ୍ତି । ଚଳିତ ବର୍ଷ ବୋଳ ପୂର୍ଣ୍ଣିମା ଅବସରରେ ଠାକୁର ସମସ୍ତଙ୍କ ଘରକୁ ଯାଆନ୍ତି । ପୋଖରୀ ସାହି ଲୋକ ଠାକୁରଙ୍କୁ ତାଙ୍କ ସାହିକୁ ନେବାକୁ କହିବାରୁ ଚକୁଧରପୁର ସାହି ଲୋକ ଉତ୍କ୍ଷିପ୍ତ ହୋଇ କାଳୁଆ ଓ ସଙ୍କୀର୍ତ୍ତନ ପାଇଁ ଯାଇଥିବା ପୁରୁଷ ଓ ମହିଳାଙ୍କୁ ଗୋଡେଇ ଗୋଡେଇ ପିଟିବା ଆରମ୍ଭ କରିଥିଲେ । ଏହି ସମୟରେ ସାମ୍ବାଦିକ ପ୍ରଫୁଲ୍ଲ ମହାନ୍ତି ଫଟୋ ଉତୋଳନ କରୁଥିବା ଦେଖି, ସୁରେଶ ଦାଶ ଓ କୃପାସିନ୍ଧୁ ରଥ ନାମକ ଦୁଇ ଯୁବକ ରାଗିଯାଇ ଶ୍ରୀ ମହାନ୍ତିଙ୍କୁ ଠେଙ୍ଗା କାଠି ଓ ବିଧା ଗୋଇଠା ମାରିବାରୁ, ସେ ଅଚେତ୍ ହୋଇ ତଳେ ପଡି ଯାଇଥିଲେ । ଏହି ଗଣ୍ଡଗୋଳରେ ମଧ୍ୟ ପୋଖରୀ ସାହି ର ୫ ଜଣ ମହିଳାଙ୍କୁ ପିଟା ପିଟି କରି ଗୁରୁତର କରିଦେଇଥିଲେ । ଏହି ସମୟରେ ପୋଲିସ ଖବର ପାଇ, ୧୧୨ ଗାଡ଼ି ଯୋଗେ, ଗଣେଶ ସ୍ଥଳକୁ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ଲଛାର କରି, ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରି ଥିବା ଦେଖାଯାଇଛି । ଅନ୍ୟ ପକ୍ଷରେ, ପୋଖରୀ ସାହିର ପ୍ରିୟଙ୍କା ଦାସ, ପ୍ରତିମା ମହାରଣା, ପ୍ରମିଳା ବେହେରା, ସରସ୍ୱତୀ ମହାରଣା, ସମରେନ୍ଦ୍ର ମହାନ୍ତି, ବିମୁୟା ସାହୁଙ୍କୁ ପରମେଶ୍ୱର ପଣ୍ଡା, କୃପାସିନ୍ଧୁ ରଥ, ସୁରେଶ କୁମାର ଦାଶ, ବିଶ୍ୱମୋହନ ଦାଶ, ବିଜୟ ଦାଶ, ପ୍ରଫୁଲ୍ଲ ଦାଶ ପ୍ରମୁଖ ୧୩/୧୪ ଜଣ ଆକ୍ରମଣ କରି ଆହତ କରିଥିଲେ । ସେମାନେ ଡାକ୍ତର ଖାନା ଚିକିତ୍ସିତ ହେଉଥିବା ଦେଖାଯାଉଛି । ଏ ବାବଦ ରେ ଥାନା ରେ ବୁଝିବି ମାମଲା ରୁଜୁ ହୋଇଥିବା ବେଳେ, ଖୋଦ୍ ଏସ ଡି ପି ଓ ପ୍ରମୋଦ କୁମାର ମଲ୍ଲିକ ଓ ଆଇଆଇସି ଗୋବର୍ଦ୍ଧନ ନାୟକ ଡାକ୍ତରଖାନାକୁ ଆସି ଗୁରୁତର ଶ୍ରୀ ମହାନ୍ତିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହିତ ବୃତ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି, ଗଣମାଧ୍ୟମକୁ ପ୍ରତିଶ୍ରୁତି ଦେଇଛନ୍ତି ।

ଜମି ଜବର ଦଖଲ ନେଇ ଥାନାରେ ଅଭିଯୋଗ, କୋର୍ଟ ଓ ପ୍ରଶାସନ ନ୍ୟାୟ ପ୍ରଦାନରେ ବିଳମ୍ବ ପାଇଁ ବଢୁଛି ହିଂସା

ଭୋଗରାଇ, ୦୨/୦୩ (ଆ.ପ୍ର) : ଜମି ବାଡ଼ି ବିବାଦ ଏକ ରାଜ୍ୟର ସାମାଜିକ ସମସ୍ୟା ହୋଇଛି ।ଏହା ସାଧାରଣତଃ ଭୂଲ ବୁଝାମଣା, ଅଂଚଳ ଦଖଲ ଜିମା ଆଇନଗତ ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ଘଟିଚାଲିଛି । ଯାହା ପାରିବାରିକ ସମ୍ପର୍କରେ ତିକ୍ତତା ଓ ଅପରାଧ ବୃଦ୍ଧି କରି ମାରପିଟ୍ ଜିମା ଲଡେଇନା ପରିସ୍ଥିତି ସୃଷ୍ଟି କରୁଛି । ଏଥିରୁ ବର୍ତ୍ତିବା ପାଇଁ ଲୋକେ ପ୍ରଶାସନିକ ସ୍ତରରେ ବୁଝାଣ ଆଲୋଚନା ଓ ଆଇନସମ୍ମତ ସମାଧାନ ଆବଶ୍ୟକତାକୁ ବୁଝିରେ ରଖି କୋର୍ଟର ଦ୍ୱାରସ୍ଥ ହେଉଥିବା ବେଳେ କୋର୍ଟରେ ମାମଲା ଦୀର୍ଘ ବର୍ଷ ଧରି ଚାଲୁଛି । ଫଳରେ ଲୋକେ ନାହିଁ ନଥିବା ସମୟରେ ଜମି କରି ଜମିର ସୀମା ନିର୍ଦ୍ଧାରଣରେ ଅକ୍ଷମତା, ସେଚ୍ଛିକ ସମ୍ପତ୍ତି ବାଂଟ, ଜିମା ଗୋଚ ଜବରଦସ୍ତି ଦଖଲ କରିବାକୁ ଚେଷ୍ଟା କରୁଛନ୍ତି । ଏହାର ମୂଳ କାରଣ, ଚଳସ୍ତିକବାଦ ଜିମା ସିଭିଲ କୋର୍ଟ ଜରିଆରେ ଜମି ମାପଚୁପରେ ଆଜନ ଗତ ପରଂପରେ ତ୍ୱରିତ ତ୍ରୁଟ୍ରି ଜରାଯାଉଛ ନାହିଁ । ଗ୍ରାମ ସ୍ତରରେ ସରପଂଚ ବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ଆଲୋଚନା କରାଯାଇ ଥିଲେ ସୁଦ୍ଧା ଜବର ଦଖଲକାରୀ ତାହାକୁ ଗ୍ରହଣ କରୁନାହିଁ । ହିଂସାତ୍ମକ ପରିସ୍ଥିତି ଉତ୍ପନ୍ନ ହେଉଛି ବେଳେ ଶ୍ରୀ ଘୋଷ ମାପଚୁପ କରି ସୀମା ନିର୍ଦ୍ଧାରଣ ପାଇଁ ମିନୁନାହିଁ ଜି ଜମିଜମା ବିବାଦକୁ ନେଇ ଘଟୁଥିବା ସାଧାରଣ ହିଂସାକାଣ୍ଡରେ ପୋଲିସ ହସ୍ତକ୍ଷେପ କରୁନାହିଁ । ଏଭଳି ସମସ୍ୟା ସମସ୍ତୁଭୋଗରାଇ ଅଂଚଳରେ ଦେଖିବାକୁ ମିଳିଥିଲା ବେଳେ ଗତ ୩ ଦିନ ପୂର୍ବେ କଖଡ଼ା ପଂଚାୟତର ପୁଷ୍ପଶେଖର ପୁର ଗାଁର ପ୍ରଭାତ କୁମାର ଘୋଷଙ୍କ ପୈତୃକ ସମ୍ପତ୍ତିକୁ ତାଙ୍କର ପଡ଼ୋଶୀ ବିପେନ ଦାସ ଜବର ଦଖଲ ଘେରି ନେଇ ଶୌଚାଳୟ ନିର୍ମାଣ କରୁଥିବା ବେଳେ ଶ୍ରୀ ଘୋଷ ମାପଚୁପ କରି ସୀମା ନିର୍ଦ୍ଧାରଣ ପାଇଁ ଗ୍ରାମର ଲଢୁବାଣ୍ଡିଙ୍କ ଉପସ୍ଥିତିରେ ଅମିନଙ୍କ ଜରିଆରେ ମାପ ଚୁପ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗତ ଶୁକ୍ରବାର ଶ୍ରୀ ଘୋଷ ଗ୍ରାମର ଲଢୁବାଣ୍ଡି ଓ ବିଗାଜ ମଣ୍ଡଳୀଙ୍କୁ ନେଇ ଅମିନଙ୍କ ଜରିଆରେ ଉକ୍ତ ଜାଗାର ସୀମା ନିର୍ଦ୍ଧାରଣ କରିଛନ୍ତି । ଏହାକୁ ନେଇ ବିପେନ ଦାସ ଓ ତାଙ୍କ ପତ୍ନୀ ହଟଗୋଳ କରି ପ୍ରତିବାଦ ଘୋଷଙ୍କୁ ଧମକ ଦେଇ ଉକ୍ତ ଜାଗାରୁ ବିତାଡ଼ିତ କରିଦେବେ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ଶ୍ରୀ ଘୋଷ ଚନ୍ଦନେଶ୍ୱର ପୋଲିସ ଫାଣ୍ଡି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ପୋଲିସ ଜମି ଜମା ବିବାଦକୁ ନେଇ ଘଟିଥିବା କୌଣସି ହିଂସାକାଣ୍ଡରେ ହସ୍ତକ୍ଷେପ କରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ସମାଜସେବୀ ଅର୍ଚ୍ଚନ ପ୍ରହରାଜ, ଅରୁଣାଂଶୁ ଘୋଷ, ପିଜୁସ ଘୋଷ, ଗୁମନ ଦାସ, ବଟନ ଲାଲ ଦାସ, ବିଶ୍ୱାସ ଦାସ, ବିଜୟ ବାରିକ ପ୍ରମୁଖ ଦାବି କରିଛନ୍ତି ।

ପାରସ୍ପରିକ ଭିତିକ ବଦଳିକୁ ଗାଇଡ଼ଲାଇନରେ ଉଲ୍ଲେଖ କରିବାକୁ ମାଧ୍ୟମିକ ଶିକ୍ଷକ ଶିକ୍ଷୟତ୍ରୀଙ୍କ ନିବେଦନ

ବାଲେଶ୍ୱର, ୦୨/୦୩ (ଆ.ପ୍ର) : ବିଜ୍ଞପ୍ତି ସଂଖ୍ୟା ୧୩୩୪୬୮/ଏସ ଓ ଏମ.ଇ ତାରିଖ:-୧୪/୦୫/୨୦୨୫ ଅନୁଯାୟୀ, ରାଜ୍ୟର ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଟି. ଜି. ଟି ଶିକ୍ଷକଙ୍କ ସ୍ଥାନାନ୍ତର ପାଇଁ ନୂତନ ନିର୍ଦ୍ଦେଶାବଳୀ ପ୍ରକାଶିତ ହୋଇଛି ଏବଂ ଶିକ୍ଷକମାନଙ୍କ ସୁବିଧା ପାଇଁ ନିର୍ଦ୍ଦେଶାବଳୀରେ କିଛି ପରିବର୍ତ୍ତନ କରାଯାଇଛି । କିନ୍ତୁ ଉପରୋକ୍ତ ନିର୍ଦ୍ଦେଶାବଳୀରେ ପଏଂଟ ନମ୍ବର ୨(ଖ) ରେ, ପାରସ୍ପରିକ ଆନ୍ତଃଜିଲ୍ଲା ସ୍ଥାନାନ୍ତରରେ ଏକାଧିକ ଥର ସ୍ଥାନାନ୍ତର ଉପରେ ପ୍ରତିବନ୍ଧକ ରଖିଛି । ରାଜ୍ୟର ଗରଣିଷ୍ଠା ବିଭାଗ ଅଧୀନ ରେ ଥିବା ମାଧ୍ୟମିକ ଟିଜିଟି (ପିଏଚଏସ,ସିସିଜେଜ, ଆର୍ଟ୍) ଶିକ୍ଷକ ମାନେ ରାଜ୍ୟ ବ୍ୟାପକ କର୍ମଚାରୀ ହୋଇଥିବାରୁ ସେମାନଙ୍କର ବଦଳି ଆନ୍ତଃଜିଲ୍ଲା ପାରସ୍ପରିକ ବଦଳି କ୍ଷେତ୍ରରେ ସମସ୍ତ ଚାକିରୀଜୀବନ ଭିତରେ ଗୋଟେ ଥର ହେଉଛି, ଯାହା ଫଳରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ବହୁତ ମାନସିକ ଅଶାନ୍ତି ଭିତରେ ଗଢୁଥିବାର ପରିଲକ୍ଷିତ ହେଉଛି । ପାରସ୍ପରିକ ସ୍ଥାନାନ୍ତରରେ ସ୍କୁଲ ଏବଂ ଜିଲ୍ଲା ସ୍ତରରେ କୌଣସି ଅଭାବ ଜିମା ଅତିରିକ୍ତତା ପରବୀ ସୃଷ୍ଟି ହେବ ନାହିଁ । ଏବଂ ଅନେକ ଅଭାବୀ ଶିକ୍ଷକଙ୍କୁ ଗତ ବର୍ଷ ପାରସ୍ପରିକ ସ୍ଥାନାନ୍ତରରେ ବିଜିନୁ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ସ୍ଥାନାନ୍ତର କରାଯାଇଛି ଜିଲ୍ଲା ସେମାନେ ସୋମାନଙ୍କର ବୃଦ୍ଧ ଏବଂ ଅସୁସ୍ଥ ପିତାମାତାଙ୍କ ଯତ୍ନ ନେବାପାଇଁ ନିଜ ଜିଲ୍ଲାକୁ ଫେରିବା ପାରିନାହାନ୍ତି । ତେଣୁ ହଜାର ହଜାର ଶିକ୍ଷକଙ୍କ ପାଇଁ ନିଜ ଜିଲ୍ଲାକୁ ଫେରିବା ଅତ୍ୟନ୍ତ ଅନିବାର୍ଯ୍ୟ । ଏହି ପରିପ୍ରେକ୍ଷାରେ, ହଜାର ହଜାର ମାଧ୍ୟମିକ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ତାଙ୍କର ପରିବାର ଲୋକ ମାନେ ଲୋକଙ୍କର ମୁଖ୍ୟମନ୍ତ୍ରୀଙ୍କୁ ଜାତ ଯୋଡି ପ୍ରାର୍ଥନା କରୁଛନ୍ତି ଯେ ଆପଣ ଆମର ଅସୁବିଧାକୁ ଆପଣଙ୍କ ସ୍ୱାନୁଭୂତିଶୀଳ ହୃଦୟରେ ବିଚାର କରନ୍ତୁ ଏବଂ ବିଜ୍ଞପ୍ତି ସଂଖ୍ୟା ୧୩୩୪୬୮/ଏସ ଓ ଏମ.ଇ.ତାରିଖ:-୧୪/୦୫/୨୦୨୫ ଅନୁଯାୟୀ, ରାଜ୍ୟର ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଟିଜିଟି ଶିକ୍ଷକଙ୍କ ସ୍ଥାନାନ୍ତର ପାଇଁ ପ୍ରକାଶିତ ହୋଇଥିବା ନିର୍ଦ୍ଦେଶାବଳୀକୁ ସଂଶୋଧନ କରି ଆମକୁ ଅତି କମରେ ଦ୍ୱିତୀୟ ଥର ପାଇଁ ପାରସ୍ପରିକ ଆନ୍ତଃଜିଲ୍ଲା ସ୍ଥାନାନ୍ତର ସୁବିଧା ପ୍ରଦାନ କରିବା ପାଇଁ ଗରଣିଷ୍ଠା ବିଭାଗକୁ ନିର୍ଦ୍ଦେଶ ଦିଅନ୍ତୁ ।

ହେଲ୍ପ ଡ଼େସ୍କ ଉଦଯାପନୀ ଦିବସରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ବିଦ୍ୟାର୍ଥୀ ପରିଷଦ ତରଫରୁ ଚନ୍ଦନ ବୃକ୍ଷ ରୋପଣ

ବାଲେଶ୍ୱର, ୦୨/୦୩ (ଆ.ପ୍ର) : ବାଲେଶ୍ୱର ସଦର ବୁଢ଼ ବଡ଼ିଶିଆ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଂଚଳିକ ଉଚ୍ଚ ବିଦ୍ୟାଳୟ, ସାଇଁ ତରଫରୁ ଗତ ୧୯ ଫେବୃଆରୀରୁ ଆରମ୍ଭ ହୋଇଥିବା ସହାୟତା କେନ୍ଦ୍ର ଆଜି ଉଦଯାପିତ ହୋଇଯାଇଛି । ଏହି ଅବସରରେ ପରିଷଦର ଗଣ୍ଡାଧିପ କଳାପର ସାମଲଙ୍କ ଅଧ୍ୟକ୍ଷ

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଦୋଳପୂର୍ଣ୍ଣିମା

ଏହା ଫାଲଗୁନ୍ ମାସ ଶୁକ୍ଳପକ୍ଷ ଦଶମୀ ଦିନରେ ପାଳିତ ହେଉଥିବା ଦୋଳଯାତ୍ରାର ପ୍ରଥମ ଦିନକୁ ଫଗୁ ଦଶମୀ କୁହାଯାଇଥାଏ । ଆମ ରାଜ୍ୟରେ ୫ ଦିନିଆ ଦୋଳ ଉତ୍ସବ ଆରମ୍ଭ ହୋଇଥାଏ । ଦେବୀ ରାଧା ଓ ଭଗବାନ କୃଷ୍ଣଙ୍କ ମୂର୍ତ୍ତିକୁ ଆଣି ବିମାନରେ ବସାଯାଇଥାଏ । ବସନ୍ତ ଉତ୍ସବର ଅଂଶବିଶେଷ ସ୍ୱରୂପ ଏହି ଦିନ ଠାରୁ ପରମ୍ପରା ମୁତାବକ ଦୋଳ ମେଳଣ ଆରମ୍ଭ ହୋଇଥାଏ । ଦୁଇ ପ୍ରତିମାକୁ ରଙ୍ଗ ଓ ଅବିର ଦୋଳି ପୂଜା କରାଯାଇଥାଏ । ଏହି ଦିନ ଠାରୁ ରାଧାକୃଷ୍ଣ ମନ୍ଦିର ଗୁଡ଼ିକ ଚଳଚଞ୍ଚଳ ହୋଇଉଠେ । ଭଗବାନ ବିଷ୍ଣୁଙ୍କ ଅବତାର ସ୍ୱୟଂ ଜଗନ୍ନାଥଙ୍କ ଅନ୍ୟ ନାମ ହେଉଛି ଗୋବିନ୍ଦ । ଫଗୁ ଦଶମୀ ଦିନୁଠୁ ସାଧାରଣତଃ ଗୋବିନ୍ଦଙ୍କର ଯାତ୍ରା ଏବଂ ଗ୍ରାମ ପରିକ୍ରମା ଆରମ୍ଭ ହୋଇଥାଏ । ଫଗୁ ଦଶମୀ ପରଠାରୁ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଚାତେରୀ ଲୀଳା ଆରମ୍ଭ ହୋଇଥାଏ । ଫଗୁ ଦଶମୀ ଦିନ ଦୋଳବିମାନରେ ମଦନମୋହନ ଓ ଲକ୍ଷ୍ମୀ, ସରସ୍ୱତୀ ଦୋଳଦେବତାଙ୍କୁ ବିଜେ କରିଥାନ୍ତି । ଏମାନେ ପାଲିଙ୍କିରେ ବସି ପ୍ରତି ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ବଲ୍ଲଭଙ୍କ ଭବ୍ୟାଳୟକୁ ଚାତେରୀ ଖେଳିବାକୁ ଯାଆନ୍ତି । ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରି ଦୋଳଦେବତାରେ ପାଞ୍ଚଟିବା ପରେ ଫଗୁ ଲାଗି ହୋଇଥାଏ । ସେଠାରେ ସୁରାଭିତ ପୁଷ୍ପ ଓ ଲାଲ୍ ବେଶରେ ପୂଜାର୍ଚ୍ଚନା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ି ଆସନ୍ତି । ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତୀତ୍ତ ଭାବଗମ୍ଭୀର ଓ ଆନନ୍ଦିତ ସ୍ୱରରେ ଶ୍ରୀକୃଷ୍ଣଙ୍କ ରାସଲୀଳା ବ୍ୟାଖ୍ୟା କଲେ । ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି - ଏକ ଜ୍ୟୋତ୍ସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଥିଲେ । ଏହି ନୃତ୍ୟଲୀଳା ଦେବତ୍ୱ ଆନ୍ତରିକ ଅର୍ଥରେ, ଏକ ବିଶେଷ ସ୍ଥାନରେ ବା ବିଶେଷ ସମୟରେ ଯେ ସଂଗଠିତ ତାହା ନୁହେଁ । ଏହି ନୃତ୍ୟ ଚିରନ୍ତନ । ଏହାକୁ କୁହାଯାଏ ଜୀବନର ଛନ୍ଦାତ୍ମକ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ । ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତାର କେବେ ଦେହଭଙ୍ଗରେ ଗୋଡ଼ ପଡ଼େ ନାହିଁ । ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଭଜେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ । ରାସଲୀଳା ହେଉଛି ଏହାର ଇଙ୍ଗିତ । ଜୀବନ୍ମୁକ୍ତ ଯଦି ଏହି ଭାବରେ କୁଳମାଳିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍‌ଭ୍ରାନ୍ତ ହେବାର ସମ୍ଭାବନା ନଥାଏ । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଭଗବାନ କୃଷ୍ଣଙ୍କର ଆହ୍ଲାଦିନୀ ଶକ୍ତି ହିଁ ହେଉଛି ରାଧା । ରାଧା ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କର ବୀଜ ମନ୍ତ୍ର ଓ ନାମ ଓ ନାମୀ ଅଭେଦ । ଫଗୁ ଦଶମୀ ଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ବିଜିନ୍ଦ୍ର ନୀତି ପାଳିତ ହୁଏ । ମେଷାପୋଡ଼ିଠୁ ମନ୍ଦିରରେ ଆରମ୍ଭ ହୁଏ ଦୋଳପୂର୍ଣ୍ଣିମା ନୀତି । ଦୋଳବେଦୀରେ ମଦନମୋହନ ଓ ଲକ୍ଷ୍ମୀ ବିଜେ କରି ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ଏହି ଦିନ ରତ୍ନ ସିଂହାସନରେ ସୁନାବେଶ ଅନୁସୀତ ହୁଏ । ଦୋଳଯାତ୍ରା ଓ ଉଥଯାତ୍ରା ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । ରଥଯାତ୍ରା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଯେପରି ନିଜ ସିଂହାସନରୁ ଓହ୍ଲାଇ ଆସି ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇଥାଆନ୍ତି, ଠିକ୍ ସେହିପରି ଦୋଳଯାତ୍ରାରେ ଭକ୍ତ ହାତରୁ ଖାଦ୍ୟ ଗ୍ରହଣ କରିବା ଲାଗି ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାକୃଷ୍ଣ ରୂପରେ ଦୋଳ ବିମାନରେ ବିରାଜମାନ କରନ୍ତି । ତେବେ ଫଗୁ ଦଶମୀ ଠାରୁ ଦୋଳପୂର୍ଣ୍ଣିମା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଏହି ଦିନ ଦୋଳଗୁଡ଼ିକ ସଜାଯାଇ ଠାକୁରଙ୍କ ଚଳନ୍ତି ପ୍ରତିମା ସ୍ଥାପନ କରାଯାଏ । ସନ୍ଧ୍ୟାରେ ଦେଉଳ ଭିତରେ ଠାକୁରଙ୍କ ସହ ଫଗୁଙ୍କେ ସ୍ଥାପନ କରାଯାଏ । କେତେକ ସ୍ଥାନରେ ଠାକୁରଙ୍କୁ ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଇ ଫଗୁ ଭୋଗ ଅର୍ପଣ କରାଯାଏ । ତା'ପରଦିନ ଠାରୁ ଠାକୁର ଦୋଳବିମାନ ଆରୋହଣ କରି ବିଜିନ୍ଦ୍ର ଗ୍ରାମକୁ ତାଚେରୀ ଖାଉବା ଲାଗି ଯାଇଥାନ୍ତି । ଏଥିଲାଗି ବିଜିନ୍ଦ୍ର ଗ୍ରାମ, ସାହି, ଓ ପଡ଼ା ଉତ୍ସବ ମୁଖର ହୋଇଉଠେ । ଗ୍ରାମର ପ୍ରତିଗୃହକୁ ଯାଇ ଠାକୁର ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ଭୋଗ ଗ୍ରହଣ କରିଥାଆନ୍ତି । ଏଭଳି ପ୍ରକ୍ରିୟା ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ । ଦୋଳ ଉତ୍ସବ ହିନ୍ଦୁ ସମାଜକୁ ଏକତା, ସଂଗଠନ, ଧର୍ମରକ୍ଷା, ତ୍ୟାଗ, ତପସ୍ୟା ଓ ଏତିହାସିକ ପରମ୍ପରାକୁ ସୁରକ୍ଷା ଦେବା ଲାଗି ସର୍ବଦା ତତ୍ପର ରହିବାକୁ ଶିକ୍ଷା ଦେଇଥାଏ ।

ରଙ୍ଗମୟ ଜୀବନ ଦୋଳ

॥ ଅକ୍ଷୟ କୁମାର ରାଉତ ॥

ପ୍ରାଚୀନ କାଳରୁ ଭାରତୀୟ ବିଦ୍ୱାନମାନେ ଛଅଗୋଟି ଋତୁକୁ ସ୍ୱୀକୃତି ଦେଇଛନ୍ତି । ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ ଜଳି କଣ୍ଠରେ ଜୟ ଜୟକାର ସୁରେ ଯୁଗେ ଯୁଗେ ରହିଛି । ଆମ ବଙ୍ଗଳର ସୁରୀଶ୍ୱରେ କୋଇଲିର କୁହୁତାନ, ରଙ୍ଗ ବେରଙ୍ଗ ପୁଷ୍ପ ସମାରୋହ ଲାମର ଗୁଞ୍ଜନ, ବସନ୍ତର ମୃଦୁ ମଳୟ ପ୍ରବାହ ଜଗତକୁ କରେ ସ୍ୱପ୍ନ ବିଭୋର । ରଙ୍ଗମୟ ଜୀବନରେ ବହୁ ପର୍ବପର୍ବାଣି ଓ ଯାତ୍ରା ବା ଯାତ ଆରମ୍ଭ ପାଳନକରୁ । ଝୁଲଣ ଯାତ, ମଳର ଯାତ, ପଣାଯାତ, ରଥଯାତ, ଚଢଉ ଯାତ, ଚନ୍ଦନ ଯାତ, ଏହି ଯାତ ମଧ୍ୟରୁ ଦୋଳ ଯାତ ଋତୁରାଜ ବସନ୍ତର ମଧ୍ୟ ଭାଗରେ ପାଳନ ହୁଏ । ବର୍ଣ୍ଣାଢ୍ୟ ପରିପାଟିରେ ସୁଶୋଭିତ ନାନା ବର୍ଣ୍ଣ ଓ ବାସର ମହକରେ ଦୋଳ ମେଳଣ ବା ଦୋଳ ଯାତ ଉତ୍ସବ ସହର ଠାରୁ ଆରମ୍ଭ କରି ପଲ୍ଲୀର ଦାଣ୍ଡକୁ ରଙ୍ଗାୟିତ କରି ଜନଜୀବନକୁ ପୁଲକିତ, ମହକିତ କରିଥାଏ । ଫାଲଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏବଂ ପୂର୍ଣ୍ଣିମାର ପାଞ୍ଚ ଦିନ, ସାତଦିନ ଓ ଦଶ ଦିନରେ ହେଉଥିବା ଉତ୍ସବକୁ ଯଥାକ୍ରମେ ପଂଚଦୋଳ, ସପ୍ତଦୋଳ, ଦଶଦୋଳ କୁହାଯାଇଥାଏ ।

ଶ୍ରୀରାଧା କୃଷ୍ଣ ଓ ଗୋପୀମାନଙ୍କର ନୈସର୍ଗିକ ପ୍ରେମ ଓ ଲୀଳାମୟ କୃଷ୍ଣଙ୍କ ଶୃଙ୍ଗାର ରସକୁ ରସାୟିତ କରିବା ପାଇଁ ରଙ୍ଗମୟ ଦୋଳ ଉତ୍ସବର ପରିକଳ୍ପନା । ରାଧାଙ୍କ ରୋଗ ଭପଶମ ବୃନ୍ଦୁ ଦୈତ୍ୟଙ୍କୁ ବଧି କରିବା ଏକ ନାଟକୀୟ ପରିକଳ୍ପନା । ଚତୁରେଣୀ ଓ ଗୋପାଳ ପୁଅ ବିମାନରେ ରାଧା କୃଷ୍ଣଙ୍କୁ ବସାଇ କାନ୍ଧରେ ବୋହିବା ଭପାକ୍ଷାନ ଏକ କାରଣ, ଅନ୍ୟ ବିଗତି ହେଉଛି ଦ୍ୱାପର ଯୁଗରେ କୃଷ୍ଣ ମେହୁ ନାମକ ରାକ୍ଷସକୁ ବିନାଶ କରି ବୃନ୍ଦାବନର ପୂର୍ବଶ୍ରୀ, ଶାନ୍ତି ଫେରାଇ ଆଣିଥିଲେ । ବୃନ୍ଦାବନବାସୀ ସେହି ସ୍ମୃତିରେ ଦୋଳବିମାନରେ କୃଷ୍ଣଙ୍କୁ ବସାଇ ନଗର ପରିକ୍ରମା କରିଥିଲେ । ସେହି ଦିନରୁ ଦୋଳ ଉତ୍ସବର ସୃଷ୍ଟି ଓ ସମାଜରେ ତାହାର ପ୍ରଚାର ଓ ପ୍ରସାର ଘଟିଅଛି ।

ରାଧା କୃଷ୍ଣଙ୍କର ବସନ୍ତ ରାସୋତ୍ସବ ବା ଦୋଳଯାତ୍ରାରେ ଅନ୍ୟ ଦେବୀଦେବୀମାନେ ମଧ୍ୟ ବିମାନରେ ଦୋଳ ମଣ୍ଡପକୁ ଆସିଥାନ୍ତି, ବୃନ୍ଦାବନର ଯମୁନା କୂଳରେ ଗୋପାଙ୍ଗନାମାନେ ରାଧାକୃଷ୍ଣଙ୍କୁ କୁଞ୍ଜ ମଧ୍ୟରେ ଲତାଦୋଳିରେ ବସାଇ 'ଚାତେରୀ' ଖେଳିଥିଲେ । ସେମାନଙ୍କ ମନ ପ୍ରାଣରେ ଅସରନ୍ତି ଫୁଲକ, ଉଦ୍ଧାପନା ନେଇ 'ଝୁଲାଅ ଗୋ ଝୁଲାଅ ଦୋଳି' ଗୀତ ଗାଇ ଦୋଳିକୁ ଝୁଲାଇଥିଲେ ।

ଦୋଳ ବିମାନକୁ କାରୁକାର୍ଯ୍ୟ ନୂତନ ବସ୍ତ୍ରାବିରେ ନାନାଜାତି ଫୁଲ ମାନଙ୍କରେ ଦୋଳି ସଦୃଶ ମଣ୍ଡନ କରାଯାଏ । ଉଦ୍ଦିଷ୍ଟ ଦେବାଦେବୀମାନଙ୍କ ଚଳନ୍ତି ପ୍ରତିମା ଝୁଲୁଲିରେ ଗଣ୍ଡି ବିମାନରେ ସ୍ଥାପନ କରାଯାଏ । ସଂଙ୍ଖ ସଂଙ୍ଖା, ଖୋଳ, କରତାଳ, ମୃଦଙ୍ଗ, ଭେରିତୁରୀ, କାହାଳୀ ଓ ଚମକ ଇତ୍ୟାଦି ବଜାଇ ଆଳତ ଚାମର ପରେ ଏକ ସ୍ୱତନ୍ତ୍ର ଗଙ୍ଗ ଜନିତ ସ୍ୱାସ୍ଥ୍ୟ ଓ ଆଖିକୁ ଆରାମ ଦେଇଥାଏ । ନୀଳ ରଙ୍ଗ ଅନନ୍ତ ଆକାଶ ଓ ସାଗରର ପ୍ରତୀକ ଭାବେ ଶକ୍ତିର ମହତ୍ତ୍ୱକୁ ପ୍ରତିପାଦିତ କରେ । ସ୍ୱପ୍ନର ରଙ୍ଗ ସୁନେଲି ଆଧ୍ୟାତ୍ମିକ ଜଗତ ବା ସୂର୍ଯ୍ୟଙ୍କ ଶକ୍ତି ସମ୍ବନ୍ଧିତ ହୋଇଥାଏ । ବାଲଗଣି ରଙ୍ଗ ବିଜୟର ବାର୍ତ୍ତାବହ । ରହସ୍ୟମୟ ରଙ୍ଗ ହୋଇଛି କଳା, ସେ ହେଉଛି ଶ୍ରୀଜଗନ୍ନାଥଙ୍କ ଆଖିର ରହସ୍ୟ, କଳା ଟୋପା ପିନ୍ଧିଲେ ସମସ୍ତଙ୍କ କୁ ଦୃଷ୍ଟିରୁ ଆମେ ରକ୍ଷା ପାଇଥାଉ ।

ରଙ୍ଗମୟ ଜୀବନରେ ରଙ୍ଗର ଆବଶ୍ୟକତା ଓ ହୋଲିର ରଙ୍ଗ ଅନେକ ଲୋକଙ୍କ ପାଇଁ ବୃତବତା ରଖିଥାଏ । ରାସାୟନିକ ତଥା ଉଦ୍ଭିଦ ବିଷାକ୍ତ ରଙ୍ଗ ମଣିଷର ସଂସ୍ପର୍ଶରେ ଆସିଲେ ଶରୀର ବା ଚର୍ମର କ୍ଷତି ସାଧନ କରିଥାଏ । ତେଣୁ ଅସୁସ୍ଥ ବା ଚିକିତ୍ସା ହେଉଥିବା ଲୋକଙ୍କୁ ଅବିର ଖେଳଠାରୁ ଦୂରେଇ ରଖିବା ଉଚିତ୍ । ଦୋଳ ଉତ୍ସବ ହିନ୍ଦୁ ସମାଜରେ ପାଳନ ହେଲେ ମଧ୍ୟ ଗୋପାଳ ସମ୍ପ୍ରଦାୟର ଏକ ପ୍ରଧାନ ଉତ୍ସବ । ବିଶେଷକରି ଗୋପାଳମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳଗୋବିନ୍ଦଙ୍କୁ ପୂଜା କରନ୍ତି । ଅଂଟାରେ କାଛଟା ବାନ୍ଧି, ହାତରେ ଲମ୍ବା ବାଡି ଧରି ମୁଖରେ ଜାମୁଡ଼ାଳ ଖୋସି ଖେଳ ଖେଳନ୍ତି । ବଂଶୀ ଓ ଶିଙ୍ଗା ନାଦ ଜଳି, ଗୀତରେ ବାଡ଼ି ଖେଳ ପ୍ରଦର୍ଶନ କରନ୍ତି । ଏହି ପର୍ବ ସହୃଦୟତା ଓ ଭାତୃତ୍ୱର ବନ୍ଧନକୁ ନିବିଡ଼ କରେ । ଦୋଳ ଉତ୍ସବ ମଣିଷ ସମାଜରେ ଜାହ୍ନବୀର ଧାରା ସୃଷ୍ଟି କରି ସମାଜକୁ ରଙ୍ଗମୟ କରେ ।

ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ.-୯୯୩୭୬୯୧୪୭୫

ଚନ୍ଦ୍ର ଗ୍ରହଣ : ବିଶ୍ୱାସ , ଅବିଶ୍ୱାସ , ଅନ୍ଧବିଶ୍ୱାସ

॥ ଅଧ୍ୟାପକ ରାଜେଶ୍ ରାୟ ॥

ମହାକାଶରେ ଥିବା ଗ୍ରହ, ଉପଗ୍ରହ, ନକ୍ଷତ୍ର ଏବଂ ଅନ୍ୟାନ୍ୟ ଖଗୋଳୀୟ ପିଣ୍ଡ ମାନଙ୍କ ମଧ୍ୟରେ ବେଳେବେଳେ କିଛି ମହାଜାଗତିକ ଘଟଣା ଘଟେ ଯାହାକୁ ନେଇ ସଂଗଠିତ ହୁଏ ପୂର୍ଣ୍ଣିମା, ଅମାବାସ୍ୟା, ଚନ୍ଦ୍ର ଗ୍ରହଣ, ସୂର୍ଯ୍ୟ ପରାଗ ଭଳି ମାଙ୍ଗଳାଶୀୟ ପ୍ରକ୍ରିୟା । ଅନେକ ସମୟରେ ଏହି ପ୍ରାକୃତିକ ଏବଂ ବିଜ୍ଞାନ ସିଦ୍ଧ ପ୍ରକ୍ରିୟାକୁ ନେଇ ବିଜିନ୍ଦ୍ର ଦ୍ୱନ୍ଦ ଉତ୍ପନ୍ନ । ଚତୁର୍ଥାଣୁ ଚନ୍ଦ୍ର ଗ୍ରହଣକୁ ନେଇ ବିଭିନ୍ନ ବିଶ୍ୱାସ , ଅବିଶ୍ୱାସ ଏବଂ ଅନ୍ଧବିଶ୍ୱାସ ରହିଛି । ଏତେବି ସୂର୍ଯ୍ୟ ପରାଗ କ୍ରିୟା ଚନ୍ଦ୍ର ଗ୍ରହଣ ଘଟଣେ ଲୋକେ ବିଶ୍ୱାସ କରନ୍ତି ଯେ ରାହୁ କେତୁ ରାକ୍ଷସ ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କୁ ଗ୍ରାସ କରୁଛନ୍ତି । ଏଥିକୁ ନେଇ ପୌରାଣିକ କିମ୍ବଦନ୍ତୀଟିଏ ରହିଛି । ସମୁଦ୍ର ମନ୍ଥନ ସମୟରେ ବାହାରିଥିବା ଅମୃତକୁ ଭଗବାନ୍ ବିଷ୍ଣୁ ଦେବତା ମାନଙ୍କ ମଧ୍ୟରେ ବାଂଟୁଥିବା ସମୟରେ କେତୁ ନାମକ ମାୟାବୀ ରାକ୍ଷସ ରୂପ ବଦଳାଇ ଆସି ଅମୃତର ଜିଭି ଅଂଶ ଗ୍ରହଣ କରି ନେଇଥିଲା କିନ୍ତୁ ତାର ପ୍ରକୃତ ପରିଚୟକୁ ସୂର୍ଯ୍ୟଦେବ ଏବଂ ଚନ୍ଦ୍ରଦେବ ଭଗବାନ୍ ବିଷ୍ଣୁଙ୍କୁ ଜଣାଇବାରୁ ସେ ସଙ୍ଗେ ସଙ୍ଗେ ସୁଦର୍ଶନ ଚକ୍ର ପ୍ରୟୋଗ କରି ରାହୁର ଶରୀରକୁ ଦୁଇଖଣ୍ଡରେ ବିଭକ୍ତ କରିପୁଲେ ଯଥା ମୁଣ୍ଡ ଲାଗକୁ ରାହୁ ଏବଂ ଶରୀର ଅବଶିଷ୍ଟ ଅଂଶକୁ କେତୁ ବୋଲି କୁହାଗଲା । ସେହିଦିନ ଠାରୁ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଉପରେ ପ୍ରତିଶୋଧ ନେବାପାଇଁ ରାହୁ କେତୁ ତାଙ୍କୁ ଗ୍ରାସ କରନ୍ତି ବୋଲି କୁହାଯାଏ କିନ୍ତୁ ଶରୀର ଅଲଗା ଥିବାରୁ କିଛି ସମୟ ପରେ ଛାଡ଼ି ଦିଅନ୍ତି ଯାହାକୁ ଲୋକ କଥାରେ ' ଗ୍ରହଣ ବା ପରାଗ ମୋକ୍ଷ ବୋଲି କୁହାଯାଏ ' । ପୂର୍ବକାଳରେ ଗାଁ ଦେଶର ଲୋକମାନେ ବିଶ୍ୱାସ କରୁଥିଲେ ଯେ ଚନ୍ଦ୍ରଗ୍ରହଣ ସମୟରେ ଗ୍ରାଉଳ ଭଳି ଏକ ବିଶାଳ ମହାକାଶୀୟ ପିଣ୍ଡ ଚନ୍ଦ୍ରଙ୍କୁ ଆକ୍ରମଣ କରୁଛି । ତେଣୁ ସେମାନେ ଏଗାଳୁ ଗଉଡ଼ାଇବା ପାଇଁ ବିଜିନ୍ଦ୍ର ବାଦ୍ୟଯନ୍ତ୍ର ବଜାଇ ଜୋରରେ ଶବ୍ଦ କରୁଥିଲେ । ଭିଏତନାମ, କୋରିଆ, ଓ ଆଫ୍ରିକୀୟ ଦେଶରେ ବସବାସ କରୁଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବିଶ୍ୱାସ କରନ୍ତି ଯେ ଚନ୍ଦ୍ର ଗ୍ରହଣ ସମୟରେ ଚନ୍ଦ୍ରଙ୍କୁ ଏକ ବିଶାଳ ବେଙ୍ଗ, କୁକୁର, ଓ ବାଦୁଡ଼ି ସଦୃଶ ମାୟାବୀ ରାକ୍ଷସ ଗ୍ରାସ କରୁଛି । ଓଡ଼ିଶା ସମେତ ବିଜିନ୍ଦ୍ର ରାଜ୍ୟରେ ଚନ୍ଦ୍ର ଗ୍ରହଣକୁ ନେଇ ଅନେକ ପରମ୍ପରା ପାଳନ କରାଯାଏ ଯେପରିକି ଖାଦ୍ୟ ରାନ୍ଧିବା ଏବଂ ରନ୍ଧା ଖାଦ୍ୟ ଖାଇବା ବାରଣ । ଗ୍ରହଣ କାଳରେ ରନ୍ଧା ଖାଦ୍ୟ ଗୁଡ଼ିକ ଅଶୁଦ୍ଧ ହୋଇଯାଏ ବୋଲି ଲୋକ ବିଶ୍ୱାସ ରହିଛି ତେଣୁ ସେଥିପାଇଁ ଘରେ ଥିବା ରନ୍ଧା ଖାଦ୍ୟ ଉପରେ ତୁଳସୀ ପତ୍ର ପକାଇ ତାକୁ ସୁରକ୍ଷିତ କରାଯାଏ । ପୁରାଣ ଶାସ୍ତ୍ରରେ ତୁଳସୀକୁ ପବିତ୍ର ବୃକ୍ଷର ମାନ୍ୟତା ମିଳିଥିବାରୁ ଏହି ପୂଜା ପାଳନ କରାଯାଏ । ଗର୍ଭବତୀ ସ୍ତ୍ରୀ ଲୋକମାନଙ୍କୁ ଗ୍ରହଣ ସମୟରେ କାହାରକୁ ଯିବା ବାରଣ ଥାଏ ଏବଂ ଏହି ନିୟମ ଲାଗିଲେ ଗର୍ଭସ୍ଥ ପିଲାଟି ଗ୍ରହଣ ଖଞ୍ଜିଯାଏ ବା ବିକଳାଙ୍ଗ ହୋଇ ଜନ୍ମନିଏ ବୋଲି ବିଶ୍ୱାସ ରହିଛି । ସେହିପରି ଗ୍ରହଣ କାଳରେ ମନ୍ଦିର ଦେବତାଙ୍କୁ ବନ୍ଦ ରାଖିବା ସହ କୌଣସିଟି ମାଙ୍ଗଳିକ କାର୍ଯ୍ୟ କରାଯାଏ ନାହିଁ କାରଣ ବିଶ୍ୱାସ ରହିଛି ଯେ ଏହି ସମୟରେ ପୃଥିବୀ ପୃଷ୍ଠରେ ଏକ ନକାରାତ୍ମକ / ଆସୁରିକ ଶକ୍ତିର ପୂର୍ବାଭାସ ଥାଏ । ସେଥିପାଇଁ ଲୋକମାନେ ଜାଗ୍ରତ ରହି ଈଶ୍ୱରଙ୍କ ନାମଜପ ଏବଂ ମନ୍ତ୍ର ପାଠ କରନ୍ତି ଯାହାଦ୍ୱାରା ଶରୀର ଓ ମନ ପବିତ୍ର ରୁହେ । ଗ୍ରହଣ ଶେଷ ହେବାପରେ ଗାଧୋଇ ଶରୀରକୁ ଶୁଦ୍ଧ କରିବାର ବିଧି ମଧ୍ୟ ପାଳନ କରାଯାଏ । ଏଥିରୁ ଗ୍ରହଣ ସମୟରେ ରାଶି ଅନୁଯାୟୀ ଗ୍ରହଣ ଦର୍ଶନ ନକରିବା ପାଇଁ କୁହାଯାଏ । ଏସବୁ ନୀତି ନିୟମର କୌଣସିଟି ବୈଜ୍ଞାନିକ ପ୍ରମାଣ ନାହିଁ । କେତୋଟି ପ୍ରଥାକୁ ବିଜ୍ଞାନ ଦୃଷ୍ଟିରେ ଦେଖିଲେ ଗ୍ରହଣ ବା ପରାଗ ସମୟରେ ଯେହେତୁ ସୂର୍ଯ୍ୟାଲୋକର ତୀବ୍ରତା କମିଯାଏ ତେଣୁ ବିଜିନ୍ଦ୍ର ଅଣୁଜୀବ ଗୁଡ଼ିକ ଏକ ଅନୁକୂଳ ପରିବେଶ ପାଇ ରନ୍ଧା ଖାଦ୍ୟକୁ ଶୀଘ୍ର ନଷ୍ଟ କରିଦିଅନ୍ତି । ସେଥିପାଇଁ ଗ୍ରହଣ ସମୟରେ ରନ୍ଧା ଖାଦ୍ୟ ସେବନକୁ ବାରଣ କରାଯାଇଛି । ତେବେ ଚନ୍ଦ୍ର ଗ୍ରହଣର ପ୍ରାକୃତିକ ବୈଜ୍ଞାନିକ କାରଣକୁ ଅବଲୋକନ କଲେ ଆମେ ଜାଣିପାରିବା ଯେ ସୂର୍ଯ୍ୟ ଓ ଚନ୍ଦ୍ର ମଝିରେ ଯଦି ପୃଥିବୀ ଗୋଟିଏ ସରଳରେଖାରେ ଅବସ୍ଥାନ କରନ୍ତି ତେବେ ପୃଥିବୀର ଛାୟା ଚନ୍ଦ୍ର ଉପରେ ପଡ଼େ ଯାହାକି ଦୁଇ ପ୍ରକାର ଯଥା ଭିତର ଭାଗରେ ଥିବା ଗାଢ଼ ଛାୟାକୁ ଆମ୍ବ ଏବଂ ବାହାରେ ଥିବା ହାଲୁକା ଛାୟାକୁ ପେନମ୍ବ୍ରା ବୋଲି କୁହାଯାଏ । ତେଣୁ ବାସ୍ତବରେ ଏହା ହେଉଛି ମହାକାଶରେ ଘଟୁଥିବା ଛାଇ ଆଲୁଅର ଖେଳ । ଚନ୍ଦ୍ରଗ୍ରହଣ ମୁଖ୍ୟତଃ ଦୁଇ ପ୍ରକାରରେ ସଂଗଠିତ ହୁଏ ଯଥା ଆଂଶିକ ଚନ୍ଦ୍ରଗ୍ରହଣ ଏବଂ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ । କେତେବେଳେ ଗାଢ଼ ଲୋହିତ , ଗାଢ଼ ନୀଳ ବର୍ଣ୍ଣର ଚନ୍ଦ୍ର ମଧ୍ୟ ଗ୍ରହଣ ସମୟରେ ଦେଖିବାକୁ ମିଳେ । ଏହାର ବୈଜ୍ଞାନିକ କାରଣ ହେଉଛି ସୂର୍ଯ୍ୟାଲୋକରେ ଥିବା ଲାଲ ଏବଂ ନୀଳ ଆଲୋକର ବିଚ୍ଛୁରଣ ପ୍ରକ୍ରିୟା । ତେବେ ଗ୍ରହଣ ସମୟରେ ପାଳନ ହେଉଥିବା ନୀତି ନିୟମକୁ ଆମେ କିଛିଟା ଗ୍ରହଣ କରିବା ତଥା ଆମ ଚେତନା ଉପରେ ନିର୍ଭରି କରେ । ବର୍ତ୍ତମାନ ସମୟରେ ବିଜ୍ଞାନର ଦ୍ରୁତ ବିକାଶ ହେବା ଫଳରେ ଅନେକ ଅନ୍ଧ ବିଶ୍ୱାସ ଉପରୁ ପରଦା ଉଠିଲାଣି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁ ପାରମ୍ପରିକ ନୀତି ବିଜ୍ଞାନ ପ୍ରମାଣିତ ତଥା ଆମପାଇଁ କଲ୍ୟାଣକୁଚ୍ଛ ତାହାକୁ ଆମେ ଗ୍ରହଣ କରିବା ଉଚିତ୍ ।

ବିଦ୍ୟାନ୍ ମହାବିଦ୍ୟାଳୟ, ଜୟପୁର, କୋରାପୁଟ
ମୋବାଇଲ୍ :- ୬୩୭୧୫୫୫୯୪୦

ରଙ୍ଗର ପର୍ବ ହୋଲି

॥ ଶ୍ରୀମତୀ ରୀତା ସ୍ୱାଇଁ ॥

ଆମ ଓଡ଼ିଶାରେ ବାରମାସରେ ତେର ପର୍ବ ପାଳିତ

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୩ ମାର୍ଚ୍ଚ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବ

ଜଗତସିଂହପୁର, ୦୨/୦୩ (ଆ.ପ୍ର) : ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଉପଖିଣ୍ଡ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୫୩ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୮ ଟି, ଆବାସ ଯୋଜନା ସମ୍ପର୍କୀୟ ୧୦ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୫ଟି, ପୋଲିସ୍ ସହାୟତା ପାଇବା ପାଇଁ ୨ଟି, ପେନସନ ପାଇବା ପାଇଁ ୫ଟି ଏବଂ ଅନ୍ୟାନ୍ୟ ୭ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ କୋଟୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରଘୁନାଥପୁର, ବିଡିଂଚି ନାରାୟଣ କେହେରା, ତହସିଲଦାର, ରଘୁନାଥପୁର, ରାଜଲକ୍ଷ୍ମୀ ନାୟକ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ ।

ଘୋଳାହାଣ୍ଡି ଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

ଦଶପଲ୍ଲା, ୦୨/୦୩ (ଆ.ପ୍ର) : ସମଗ୍ର ବିଶ୍ୱର ମଙ୍ଗଳ କାମନା କରି ଘୋଳାହାଣ୍ଡି ଗ୍ରାମର ବାବା କପିକେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ଆରମ୍ଭ ହୋଇଯାଇଛି । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜଣାଯାଉଛି । ଏହି ମହାଯଜ୍ଞରେ କର୍ତା ଭାବେ କସଣି ପରିଜା ଓ ତାଙ୍କ ସହଧର୍ମିଣୀ ଚିକିନା ପରିଡ଼ା ଯୋଡ଼ ବେଦ ପୂଜାର୍ଚ୍ଚନା କରୁଛନ୍ତି । ଯଜ୍ଞ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ବ୍ରାହ୍ମଣ ମହାସଂଘ ଓଡ଼ିଶାର ପଣ୍ଡିତ ମଣ୍ଡଳୀ ନିୟୋଜିତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଆଚାର୍ଯ୍ୟ ସୁର୍ଯ୍ୟମଣି ଦାଶ, ପୁସ୍ତକ ଆଚାର୍ଯ୍ୟ ବିଶ୍ୱେଶ୍ୱର ମିଶ୍ର, ରୁଦ୍ରାଭିଷେକ ଆଚାର୍ଯ୍ୟ ରାଧାକାନ୍ତ ଦାଶ, ଚଣ୍ଡୀ ପୂଜକ କୈଳାସ ଚନ୍ଦ୍ର ଦାଶ, ବ୍ରାହ୍ମଣ ମହାସଂଘ ଓଡିଶା ର ସଂଯୋଜକ ପ୍ରିୟରଞ୍ଜନ ଷଡ଼ଙ୍ଗୀ ଓ ସଦସ୍ୟ ସନ୍ତୋଷ ଦାଶ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ର ପାଠ ଓ ଆହୁତିରେ ଆଧ୍ୟାତ୍ମିକମୟ ପରିବେଶ ସୃଷ୍ଟି ହୋଇଛି । ଏହି କାର୍ଯ୍ୟକ୍ରମରେ ନାମ ଯଜ୍ଞ, ଘୃତ ଯଜ୍ଞ ଓ ଅନ୍ନ ଯଜ୍ଞର ବିଶେଷ ଆୟୋଜନ କରାଯାଇଛି । ଏହି ଭବ୍ୟ ଆୟୋଜନକୁ ଦେଖିବା ପାଇଁ ତଥା ପୁଣ୍ୟର କୃପା ଲାଭ କରିବା ପାଇଁ ଆଖପାଖ ଅଂଚଳରୁ ଶହ ଶହ ଭକ୍ତଙ୍କ ସମାଗମ ହେଉଛି । ୫ ଦିନ ବ୍ୟାପି ଚାଲିଯାଉ ଥିବା ଏହି ଯଜ୍ଞ ଅଂଚଳରେ ଏକ ଶାନ୍ତିପୂର୍ଣ୍ଣ ଓ ଭକ୍ତିପୂତ ପରିବେଶ ସୃଷ୍ଟି କରିଛି ।

ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର, ୦୨/୦୩ (ଆ.ପ୍ର) : ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ସେଗୁଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆଜି ମୋଟ ୧୯୪୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୭ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୪୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଳ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ, ଯାଜପୁର ତାପସ ରଂଜନ ବେହୁରା, ତହସିଲଦାର, ଯାଜପୁର ରବି ନାରାୟଣ ପାଢ଼ୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ ।

୧୯୯୪ ମ୍ୟାଟ୍ରିକ ଛାତ୍ର ଛାତ୍ରୀଙ୍କ ବିଗତ ଦିନର ସ୍ମୃତି ଓ ଅନୁଭୂତିର କଥା

ବରୀ,୦୨/୦୩ (ଆ.ପ୍ର) : ବୁଢ଼ ଚରଣ ସରକାରୀ ଭଳ ବିଦ୍ୟାଳୟର ୧୯୯୪ ବ୍ୟାଚର ଏକ ବନ୍ଧୁ ମିଳନ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ବରୁଣୀ ନିକେତନ୍ମା ତାରା ଦେବୀଙ୍କ ପୀଠରେ ଅନୁଷ୍ଠିତ ଉତ୍ସବରେ ତତ୍କାଳୀନ ଶିକ୍ଷକ ବ୍ରଜ ସୁନ୍ଦର ଦାସ, ରାମ ଚନ୍ଦ୍ର କର, ସୁରେନ୍ଦ୍ର କୁମାର ଦେବାଙ୍ଗ ପ୍ରମୁଖ ଯୋଗଦେଇ ସମସ୍ତଙ୍କର ଭଗବାନ ଭଗବାନ ଭରିବା ସହିତ ନିଜ ନିଜର ଉତର ପିଢିଙ୍କୁ ଜଣେ ଜଣେ ଉତମ ନାଗରିକ କରି ଗଢି ତୋଳିବା ପାଇଁ ପ୍ରତିଜ୍ଞାବଦ୍ଧ ସହ ଗୁରୁଙ୍କୁ ଭକ୍ତି କରିବା ଜଣେ ଉତମ ଛାତ୍ରର କର୍ତବ୍ୟ ସତ୍ୟ କିନ୍ତୁ ପିତା ମାତା ହେଉଛନ୍ତି ପ୍ରଥମ ଗୁରୁ ତେଣୁ ପିତା ମାତାଙ୍କ ସେବା କରିବା ପ୍ରଥମ ଧର୍ମ ବୋଲି କହିଥିଲେ । ଉକ୍ତ ଉତ୍ସବରେ ପୁରାତନ ଛାତ୍ର ଅରୁଣ ପରିଡା, ଅମର ଦାସ, ଯଶୋବନ୍ତ ସାହୁ, ପ୍ରକାଶ ନାୟକ, ସୋମନାଥ ମିଶ୍ର, ଗୋପାଳ କୃଷ୍ଣ ମହାନ୍ତି, ଦିବାକର ମିଶ୍ର, ସନ୍ତୋଷ ମିଶ୍ର, ପ୍ରଶାନ୍ତ ସ୍ୱାଇଁ, ମହେଶ୍ୱର ସେଠୀ ପ୍ରମୁଖ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ପଙ୍କଜିନୀ ମଲ୍ଲିକ, ନିବେଦିତା ଦାସ, ସ୍ମୃତିରେଖା ସ୍ମୃତି, ଖୁଲଣା ସାହୁ, ସ୍ୱେତଲିନା ଧନ, ଲାସିତା ଖଟା, ଝୁନୁବାଳା ସେଠୀ, ରମ୍ଭିତା ନାୟକ, ମୀରା ପଣ୍ଡିତ୍ରାଣୀ, ସୁଚିତ୍ରା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

ଜୟପାଟଣା ଠାରେ ପୋଲିସ ପକ୍ଷରୁ ଶାନ୍ତି କମିଟି ସଭା ଅନୁଷ୍ଠିତ

ଭବାନୀପାଟଣା, ୦୨/୦୩ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ପୋଲିସ ପକ୍ଷରୁ ଶାନ୍ତି କମିଟି ସଭା ଅନୁଷ୍ଠିତ ହୋଇ ଯାଇଛି । ଜୟପାଟଣା ଅଂଚଳରେ ଶାନ୍ତି, ସଦଭାବନା ଏବଂ ଆଇନ ଶୃଙ୍ଖଳାକୁ ବଜାୟ ରଖିବା ପାଇ ସ୍ଥାନୀୟ ପୋଲିସ ପ୍ରବେଶନ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପଗ୍ରହଣ କରାଯାଇଛି । ଜୟପାଟଣା ଥାନା ପରିସରରେ ଆୟୋଜିତ ଉକ୍ତ ବୈଠକରେ ବିଭିନ୍ନ ସଂଗଠନର କର୍ମ କର୍ତା ଏବଂ ବୁଦ୍ଧିଜୀବୀ ମାନଙ୍କୁ ନେଇ ଏକ ଶାନ୍ତି ଗଠନ କରାଯାଇଛି । ବୈଠକ ରେ ବିଶେଷ କରି ଆଗାମୀ ପର୍ବ ପର୍ବାଣି ଏବଂ ସାମାଜିକ କାର୍ଯ୍ୟକ୍ରମ ସମୟରେ କିପରି ଶାନ୍ତି ରକ୍ଷା କରାଯାଇ ପାରିବ । ସେ ନେଇ ଗୁରୁତ୍ୱାରୋପ କରାଯାଇଛି । ସହରରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହେବା ଏବଂ ଗୁଜବ ବୁ ବୁଝେଇ ରହିବା ପାଇଁ ଆଲୋଚନା ହୋଇଛି । କମିଟି ରେ ସ୍ଥାନୀୟ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବ୍ୟବସାୟୀ ସଂଘ, ଧାର୍ମିକ କମିଟିର ମୁଖ୍ୟ ଏବଂ ସମାଜସେବୀଙ୍କୁ ସାମିଲ କରାଯାଇଛି । ପୋଲିସ ଏବଂ ଜନ ସାଧାରଣ ମଧ୍ୟ ରେ ଉତମ ସମନ୍ୱୟ ରହିଲେ ହିଁ ଅପରାଧ ମୁକ୍ତ ସମାଜ ଗଠନହୋଇ ପାରିବ ବୋଲି ଥାନା ଅଧିକାରୀଣୀ ଅର୍ଚନା ନାୟକ ମତ ପ୍ରକାଶ କରିଛନ୍ତି ।

ପଣ୍ଡକୁଲତେଲ ନଦୀ ବ୍ରିଜ ଉପରେ ବାଇକ ଦୁର୍ଘଟଣାରେ ଜଣେ ମୃତ୍ୟୁ ଓ ଦୁଇ ଜଣ ଯୁବକ ଗୁରୁତର

କଳାହାଣ୍ଡି, ୦୨/୦୩ (ଆ.ପ୍ର) : ଗତ କାଲି ସନ୍ଧ୍ୟା ସମୟରେ ପଣ୍ଡକୁଲ ତେଲ ନଦୀ ବ୍ରିଜ ଉପରେ ତିନିଜଣ ଯୁବକ ଗୁରୁତର ଅବସ୍ଥାରେ ଥିବାରୁ ତାଙ୍କୁ ଦୂରଟି ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ସରକାରୀ ମେଡିକାଲ ରେ ଚିକିତ୍ସା ପାଇଁ ପଠାଇଥିଲେ । ପ୍ରାପ୍ତ ସୂତ୍ରମାରୁ ଜଣାପଡିଛି ଯେ ଗତ କାଲି ସନ୍ଧ୍ୟା ଛଅଟା ସମୟରେ କିଶୋର ସେନାପତି, (୨୬) ପଦ୍ମିନୀ ପାଣିଗ୍ରହୀ(୩୦) ଓ ସୁଧୀର ସୁନାନି(୩୦) ପ୍ରତିବିନ ଭଳି ଗାଡଳାଲି ସନ୍ଧ୍ୟା ସମୟରେ ତିନିଜଣ ଚାଲି ଚାଲି ଯାଉଥିବା ବେଳେ କୁମାରୀ ଗ୍ରାମର ଦୁଇଜଣ ନିଶାସକ୍ତ ଯୁବକ ଦୁଇଟି ମଟର ସାଇକେଲ ଦ୍ରୁତ ଗତିରେ ନେଇ ଉପରୋକ୍ତ ତିନି ଜଣ ବ୍ୟକ୍ତିଙ୍କ ଉପରେ ଧକା ଦେବାରୁ କିଶୋର ସେନାପତିଙ୍କ ଗୋଡ଼ ଭାଙ୍ଗି ଯାଇ ଥିବା ବେଳେ ପଦ୍ମିନୀ ପାଣି ଗ୍ରାହି ଓ ସୁଧୀର ସୁନାନୀ ଗୁରୁତର ଆହତ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ସରକାରୀ ମେଡିକାଲ ଚିକିତ୍ସା ପାଇଁ ପଠାଇଥିଲେ । କିଶୋର ସେନାପତି ଅତି ଗୁରୁତର ହେବାରୁ ତାଙ୍କୁ ଭାଲର ଭବାନୀ ପାଟଣା ମେଡ଼ିକାଲକୁ ସ୍ଥାନତଡିତ କରି ଥିଲେ । ହେଲେ ଦୁର୍ଭାଗ୍ୟ କଶତଃ ଯେ କିଶୋର ସେନାପତିଙ୍କୁ ବିକିତ୍ସା ସମୟରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲା ବେଳେ ପଦ୍ମିନ୍ତ ପାଣି ଗ୍ରାହିଙ୍କର ମଧ୍ୟ ଗୁରୁତର ହେବାରୁ ତାଙ୍କୁ ମଧ୍ୟ ଭବାନୀ ପାଟଣାରୁ ଭୁବନେଶ୍ୱର ସ୍ଥାନତଡିତ ହୋଇ ଥିବା ସୂତନା ମିଳିଛି ଓ ଅନ୍ୟ ଜଣେ ସୁଧୀର ସୁନାନୀ ସୁସ୍ଥ ଥିବା ଜଣା ପଡ଼ିଛି । ଦୁର୍ଘଟଣା ଘଟାଇ ଥିବା ବାଇକ ଆରୋହି ଦୁଇଜଣ ସବ୍ୟମ ସା,(୨୦) ପିତା ଜୁଦ୍ର ସା, ଓ ଚିନ୍ମୟ ନାଏକ(୨୦) ପିତା କେଶରୀ ନାଏକ ଉଭୟେ କୁମାରି ଗ୍ରାମର ଦୁଇ ଜଣ ଯୁବକ ମଦ୍ୟପାନ ଅବସ୍ଥାରେ ରହି ତିନି ଜଣଙ୍କ ଉପରେ ଧକା ଦେଇ ଥିଲେ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଦୁର୍ଘଟଣା ବାଇକ ODO8y, ୩୭ ୯୦ ଥିବା ବେଳେ ଅନ୍ୟ ବାଇକ ନମ୍ବର ବିହୀନ ରହିଥିବା ଜଣା ପଡିଛେ । ଏହି ଦୁର୍ଘଟଣା ଖବର ପାଇ ବଶୀପୁର ପୁଲିସ ଫାଣ୍ଡିର କର୍ମଚାରୀ ଲୋଲା ନାଥ ମାଝୀ, ଅଜୟ ଗୋପାଳ, ମହାଦେବ ସୁନାନୀ ପ୍ରଭୃତି ଥିବା ବେଳେ କିଛି ସମୟ ପରେ ଧର୍ମଗଡ଼ ଥାନା ଏଏସଆଇ କୁରେସ ପ୍ରଧାନ ପ୍ରଭୃତୀ ଉତେକ୍ତ ବ୍ୟକ୍ତି ମାନଙ୍କୁ ଜୁଡ଼ା ଜୁଡ଼ା କରିବା ପରେ ମଧ୍ୟ ରାତ୍ରା ଅବରୋଧ ପ୍ରତ୍ୟକ୍ଷ ଘୋଷ ଥିଲା, କିଶୋର ସେନାପତିଙ୍କ ମୃତ୍ୟୁ ଘଟେଇ ଶୁଣି ଅଂଚଳରେ ଶୋକର ଛାୟା ଖେଳି ଯାଇଥିଲା । ଏ ନେଇ ବାଇକ ଆରୋହୀ ଦୁଇ ଜଣଙ୍କୁ ଚୁଡ଼ନ ଗିଫଫ ବାଟରେ ଓ କ୍ଷୟକ୍ଷତି ପାଇଁ ଧର୍ମଗଡ ଗୋଲମୁଣ୍ଡା ଖମାର ଜଳଦି ରାସ୍ତାରେ ଶବ ରଖି ରାସ୍ତା ଅବରୋଧ କରିବୁ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି ।

ଦେଓ ଶରଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଚନ୍ଦାହାଣ୍ଡି,୦୨/୦୩ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ପାନାବେଡା ମହାବିଦ୍ୟାଳୟ ଚନ୍ଦାହାଣ୍ଡିର ଅବସର ପ୍ରାପ୍ତ ଚପରାଶି ଦେଓ ଶରଣ ସାହୁଙ୍କୁ ଆଜି ପାନାବେଡା ମହାବିଦ୍ୟାଳୟ ଠାରେ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ବ୍ରାଜିକିଶୋର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟ ର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଦେଓ ଶରଣଙ୍କୁ ବିଦାୟ ଦେଇ ଶରଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଦେଓ ଶରଣ ମହାବିଦ୍ୟାଳୟ ରେ ୧୯୮୯ ମସିହାରୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୂପେ ନିଯୁକ୍ତି ପାଇ କାମ କରି ଆସୁଥିଲେ ତେବେ ଯୁକ୍ତଦୁଇ ଓ ଯୁକ୍ତତିନି ମହାବିଦ୍ୟାଳୟ ଅଲଗା ଅଲଗା ହେବା ପରେ ସେ ପାନାବେଡା ତିନ୍ତୀ ମହାବିଦ୍ୟାଳୟ ସ୍ତରରେ ରହି କାମ କରି ଆସୁଥିଲେ । ଆଜି ମହାବିଦ୍ୟାଳୟ ତରଫରୁ ଦେଓ ଶରଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବା ଦେଖିବାକୁ ମିଳିଛି । ଦେଓ ଶରଣ ଜଣେ ସମ୍ମାନୁତ୍ତର୍ଣ୍ଣ ତଥା କର୍ତବ୍ୟନିଷ୍ଠ କର୍ମଚାରୀ ରୂପେ ମହାବିଦ୍ୟାଳୟରେ ରହି କାର୍ଯ୍ୟ କରି ଆସୁଥିଲେ । ବିଦାୟ କାଳରେ ରାଜନୀତି ବିଜ୍ଞାନ ଅଧ୍ୟକ୍ଷ, ଦିଲୀପ କୁମାର ଲେଙ୍କା, ଇଂରାଜୀ ଅଧ୍ୟାପକ ଚତୁର୍ଭୁଜ ମେହେର,ଇତିହାସ ମଞ୍ଚର ନାୟକ, ଓଡ଼ିଆ ଅଧ୍ୟାପକ ଚୁମ୍ପିନା ବାଗ, ଅର୍ଥନୀତି ଅଧ୍ୟାପକ ବିଶ୍ୱରଞ୍ଜନ ପଣ୍ଡା, ସହଯୋଗୀ ରାଜନାଗାଣ୍ଡ ବାଗ, କିରାଣୀ ଋଷିଣ୍ଦ୍ର ସାହୁ, ଲାଇବ୍ରେରୀଆନ ସେମନ ଲାଲ ସାହୁ, ଚପରାଶି ରାଜେନ୍ଦ୍ର ସୁନାନୀ, ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ଦେଓ ଶରଣଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ଉପହାର ସବ୍ବଶ ଗଣେଶଙ୍କ ଜ୍ଞାଷ୍ଠ ପ୍ରତିମା ପ୍ରଦାନ କରିଥିଲେ ।

ଧବଳେଶ୍ୱର ସର୍ପେଶ୍ୱର ଏକାଦଶୀ ଯାତ୍ରା ମହାସମାରୋହରେ ପାଳିତ

ଟାଙ୍ଗୀ ଟୋଟ୍ୱାର, ୦୨/୦୩ (ଆ.ପ୍ର) : ବ୍ରହ୍ମଚର୍ଯ୍ୟ ଗ୍ରାମରେ ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରୀ ଶ୍ରୀ ଧବଳେଶ୍ୱର ସର୍ପେଶ୍ୱର ଏକାଦଶୀ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଗ୍ରାମବାସୀଙ୍କ ସହଯୋଗ ଓ ଶ୍ରୀ ଶ୍ରୀ ଧବଳେଶ୍ୱର ସର୍ପେଶ୍ୱର ଯାତ୍ରା କମିଟିର ଅଣ୍ଣାନ୍ତ ପରିଶ୍ରମ ଫଳରେ ଶ୍ରୀ ଶ୍ରୀ ଧବଳେଶ୍ୱର, ସର୍ପେଶ୍ୱର, ଲକ୍ଷ୍ମୀନାରାୟଣ,ରାଧାକୃଷ୍ଣ ଦେବ ଆଦି ୧୦ ବିଗ୍ରହ ଦେବ ଦୋଳବିମାନରେ ବିରାଜମାନ ରହିଥିଲେ । ଗ୍ରାମରେ ବିମାନ ଶୋଭାଯାତ୍ରା ସହ ଅଠରଟି ସଙ୍କୀର୍ତନ ମଣ୍ଡଳ ଦ୍ୱାରା ମହାପ୍ରଭୁଙ୍କ ନିକଟରେ ନାମ ସଙ୍କୀର୍ତନ ପରିବେଷଣ କରାଯାଇଥିଲା । ପରିଶେଷରେ ମଂତ୍ରୀ ମହୋଦୟ ଓପରୋ ସହଯୋଗରେ ତିମିରାଣି ଯାତ୍ର ପରିବେଷଣ କରାଯାଇଥିଲା ।

ଇରାନ ଉପରେ ବର୍ବର ଆକ୍ରମଣ ଓ ଶୀର୍ଷ ନେତା ହତ୍ୟାକୁ ନେଇ ଆମେରିକାକୁ ଭର୍ତ୍ସନା

ଖୋର୍ଦ୍ଧା/ଭୁବନେଶ୍ୱର,୦୨/୦୩ (ଆ.ପ୍ର) : ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁକୁ ନେଇ ସିପିଆଇ (ଏମଏଲ) ଲିବରେସନ (CPI (ML) Liberation)ର ଓଡ଼ିଶା ରାଜ୍ୟ ସମ୍ପାଦକ ସୁଧୀଶ୍ରୀର ମହାପାତ୍ର ଏକ ତୁଚ ନିନ୍ଦା ପ୍ରସ୍ତାବ ଆଗତ କରିଛନ୍ତି । ସେ ଏହି ଘଟଣା ପାଇଁ ଆମେରିକା ଏବଂ ଇସ୍ରାଏଲର 'ସାମ୍ରାଜ୍ୟବାଦୀ ନୀତି'କୁ ଦାୟୀ କରିଛନ୍ତି । ଶ୍ରୀ ମହାପାତ୍ର ଏହି ହତ୍ୟାକାଣ୍ଡକୁ ଆମେରିକା ଏବଂ ଇସ୍ରାଏଲର ଏକ 'ଜଘନ୍ୟ ଏବଂ କାପୁରୁଷୋଚିତ ଆକ୍ରମଣ' ବୋଲି ଅଭିହିତ କରିଛନ୍ତି । ସେ କହିଛନ୍ତି ଯେ, ପଶ୍ଚିମ ଏସିଆରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ଏହି ଦୁଇ ଦେଶ ବିଶ୍ୱ ଶାନ୍ତିକୁ ବିପନ୍ନ କରୁଛନ୍ତି । ଦଳ ପକ୍ଷରୁ ଜଣେ ରାଷ୍ଟ୍ରମୁଖ୍ୟଙ୍କୁ ଏଭଳି ଭାବେ ଟାର୍ଗେଟ୍ କରି ହତ୍ୟା କରିବା କୌଣସି ବି ଦେଶର ସାର୍ବଭୌମତ୍ୱ ଏବଂ ଅନ୍ତର୍ଜାତୀୟ ଆଇନର ଲାଲ୍‌ଘନ । ଏହା କେବଳ ଇରାନ ନୁହେଁ, ବରଂ ସମଗ୍ର ବିଶ୍ୱର ସ୍ୱାଧୀନତା ପ୍ରେମୀ ଜନତାଙ୍କ ଉପରେ ଏକ ପ୍ରହାର । ସିପିଆଇ (ଏମଏଲ) ଲିବରେସନ ପକ୍ଷରୁ ଓଡ଼ିଶା ଶାଖା ଭାରତ ସରକାରଙ୍କୁ ମଧ୍ୟ ସମାଲୋଚନା କରିଛି । ସେମାନଙ୍କ ଅନୁଯାୟୀ, ଭାରତ ସରକାର ଆମେରିକାର ଚାପରେ ରହି ଏହି ଘଟଣାକୁ ସ୍ପଷ୍ଟ ଭାବେ ନିନ୍ଦା କରିବା ନିନ୍ଦନୀୟ । 'ଆମେରିକାର ସାମ୍ରାଜ୍ୟବାଦ ଏବଂ ଇସ୍ରାଏଲର ଜାୟନବାଦୀ ଶକ୍ତି ମିଳିତ ଭାବେ ବିଶ୍ୱରେ ଆତଙ୍କରାଜ ଚଳ

ଦୈନିକ
ଆରମ୍ଭ
SEITHO AKAMBHA
ମଙ୍ଗଳବାର, ୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଜିଲ୍ଲାସ୍ତରୀୟ ଅଂଶୁଘାତ ମୁକାବିଲା ପ୍ରସ୍ତୁତି ବୈଠକ

ଯାଜପୁର, ୦୨/୦୩ (ଆ.ପ୍ର) : ଜିଲ୍ଲାଯାଜଙ୍କ ସଚିବାଳୟ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତ ମୁକାବିଲା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଅମର କୁମାର ଜଗା ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସମ୍ଭାବ୍ୟ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମ ପ୍ରବାହଜୁ ବୃଦ୍ଧିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ପ୍ରତ୍ୟେକ ବ୍ଲକ୍ ଓ ତହସିଲରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବ । ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ ଓ୍ୱାଟର ସପ୍ଲାଏ ପ୍ରଜଳ କାର୍ଯ୍ୟସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ୍ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ

ପୌର ପ୍ରଶାସନ ପାନୀୟ ଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ ଲାଇନ୍ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଅଧିକ ସଂଖ୍ୟକ ଟ୍ୟାଙ୍କର ଯୋଗାଡ଼ କରି ରଖିବା ସହ ଜଳ ସମ୍ପର୍କିତ ଯେଉଁଠି ଜୋଗସି ଅଭିଯୋଗ ନ ଆସେ ସେଥି ପ୍ରତି ଧ୍ୟାନ ଦେବାକୁ ଆଲୋଚନା ହୋଇଛି । ଜଳଜୁଷ୍ଟ ଅଂଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇବାକୁ ପାନୀୟ ଜଳଯୋଗାଣ ଓ ପରିମଳ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟମାନଙ୍କରେ ଅଂଶୁଘାତ ସଚେତନତା ସମ୍ବଳିତ ବ୍ୟାନର, ହୋର୍ଡିଂ, ପୋଷ୍ଟର ଇତ୍ୟାଦି ଲଗାଇବା ସାମାଜିକ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଚାର କରିବା, ଲୋକମାନେ ପ୍ରତ୍ୟକ୍ଷ ଖରାରେ ଅତି ଆବଶ୍ୟକ ନହେଲେ ବାହାରକୁ ନ ବାହାରିବା, ବାହାରକୁ ବାହାରୁଥିଲେ ପାଣି ବୋତଲ, ଛତା, ଜୋତା, କଳା ବସ୍ତ୍ରମା ଇତ୍ୟାଦି ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜଳଜୁଷ୍ଟରେ ରଖାଯାଇଥିବା ପାଣିକୁ ବିଶୁଦ୍ଧ ଭାବେ ରଖିବା, ଜନ ଗହଳିପୂର୍ଣ୍ଣ ସ୍ଥାନରେ ଟ୍ୟାଙ୍କ ମାଧ୍ୟମରେ ପାନୀୟ ଜଳ ରଖିବାକୁ ପରାମର୍ଶ ଦେଇଥିଲେ । ମଂଚାୟତ ଓ ବ୍ଲକ୍ ସ୍ତରରେ ସେବା ଉପଲବ୍ଧ କରାଇ ନିୟମିତ ଭାବେ ଯାଂଚ କରି ପଦକ୍ଷେପ ନେବା, ବିଭିନ୍ନ ଜନ ଗହଳି ସ୍ଥାନ ରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ବ୍ୟବସ୍ଥା କରିବା ଉପରେ ଆଲୋଚନା ହୋଇଥିଲା । ବ୍ଲକ୍, ତହସିଲ ଓ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଂଟ ଅନୁରୂପ ଭାବେ ଭାବେ ନିୟନ୍ତ୍ରଣ କକ୍ଷ ଖୋଲିବା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ ପ୍ୟାକେଟ ସହ ଅଂଶୁଘାତ ଚିକିତ୍ସା କକ୍ଷ ବ୍ୟବସ୍ଥା କରିବା, ବରଫ, ଏସି ରୁମ୍, ଲୁକର ବ୍ୟବସ୍ଥା କରିବା, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ପଶୁମାନଙ୍କ ପାଇଁ ଗାଁର ପ୍ରବେଶ ପଥରେ ନଳକୂପ ଥିବା ସ୍ଥାନ ମାନଙ୍କରେ ଜଳ ଭୁଶର ବ୍ୟବସ୍ଥା କରିବା, କର୍ମସ୍ଥଳରେ ପାନୀୟ ଜଳ, ଓଆରଏସ ଇତ୍ୟାଦିର ବ୍ୟବସ୍ଥା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରେ ପାନୀୟ ଜଳର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମୁଖ୍ୟ ଜନୁପଦ ତଥା ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ଏସଡିଓ ଅଧିକାରୀ, ବିଡିଓ ଏବଂ ତହସିଲଦାର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ଜରୁରୀ କାଳିନ ଅଧିକାରୀ ଅଶୋକ କୁମାର ଦେବରେରା ବୈଠକ ର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

କଳାହାଣ୍ଡି ଜିଲ୍ଲା ଭାରତୀୟ ଜନତା ପାର୍ଟିରେ ମହା ମିଶ୍ରଣ ପର୍ବ

ଭବାନୀପାଟଣା, ୦୨/୦୩ (ଆ.ପ୍ର) : ଆଜି ଭବାନୀପାଟଣା ଟାଉନ ହଲ ଠାରେ ଭାରତୀୟ ଜନତା ପାର୍ଟି କଳାହାଣ୍ଡି ଜିଲ୍ଲା ତରଫରୁ ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ କଳାହାଣ୍ଡି ଜିଲ୍ଲାର ପ୍ରାୟ ୬୦ ଜଣ ସରପଂଚ, ସମିତି ସଭ୍ୟ, ୩୫୦ ଜଣ ବିଜେଡି ଓ କଂଗ୍ରେସ କର୍ମୀ ଦଳ ଛାଡି ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ କାର୍ଯ୍ୟକ୍ରମଟି ଜିଲ୍ଲା ସଭାପତି ଯୁବରାଜ କିଶୋର ପୋଡ଼ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମଂଚ ପରିଚାଳନା ସାଧାରଣ ସମ୍ପାଦକ ଲୋକନାଥ ଦୁର୍ଗା କରିଥିଲେ, କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ମାଲବିକା ଦେବି, ବିଧାୟକ ଧର୍ମଗଡ଼ ଝୁଣ୍ଟୀର ପାଟଯୋଶୀ, ରାଜ୍ୟ ଉପସଭାପତି ତଥା କଳାହାଣ୍ଡି ଜିଲ୍ଲା ପ୍ରଭାରୀ ଶିବାଜୀ ମହାନ୍ତି, ରାଜ୍ୟ ଉପସଭାପତି ଭବେନ୍ଦ୍ର ପଣ୍ଡା, ପୂର୍ବତନ ଜିଲ୍ଲା ସଭାପତି ହିମାଂଶୁ ମେହେର, ବେକେନ୍ଦ୍ର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ରମେଶ ଚନ୍ଦ୍ର ମାଝୀ, ଅନିରୁଦ୍ଧ ପ୍ରଧାନ, ନମିତା ରାଜା ସାହୁ, ଜିଲ୍ଲା ଉପସଭାପତି ପଦ୍ମ ଲୋଚନ ମିଶ୍ର, ମୁକେଶ ଅଗ୍ରୱାଲ, ଅନ୍ୟତମ ସାଧାରଣ ସମ୍ପାଦକ ସତ୍ୟ ବେହେରା, ହିମାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ନୂତନ ଭାବେ ସାମିଲ କାର୍ଯ୍ୟକର୍ତ୍ତାଙ୍କୁ ଉପବୋଧକ ଦେଇ ମାର୍ଗ ଦର୍ଶନ କରିଥିଲେ ।

୫୪ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

ଛତିଆ, ୦୨/୦୩ (ଆ.ପ୍ର) : ସୋଲାର ଠାରେ ଥିବା ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବୈରୀ ଠାରେ ଗତ ତା ୨୬.୦୨.୨୦୨୬ ରିଖ ଠାରୁ ଆରମ୍ଭ ହୋଇଥିବା ୫୪ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଅଛି । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ, (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକ ବର୍ଣ୍ଣାଢ୍ୟ ପରେଡ଼୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ସେ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ଓ ଦଳମାନଙ୍କୁ ଟ୍ରଫି ଓ ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ସଞ୍ଜୟ କୁମାର ତାଙ୍କ ବକ୍ତବ୍ୟରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ମାନଙ୍କୁ ଧନ୍ୟବାଦ ଜଣାଇବା ସହ ସଫଳତା ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବନ୍ଧୁକ ଚାଳନା କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡିଶା ପୋଲିସର ଏକ ଗୁରୁତ୍ୱ ରହିଛି । ଭଲ ଅଭ୍ୟାସ ଜାରି ରଖି ଭବିଷ୍ୟତରେ ସର୍ବଭାରତୀୟ ପୋଲିସ ପ୍ରତିଯୋଗିତାରେ ଅଧିକ ସଫଳତା ହାସଲ କରିବାକୁ ମୁଖ୍ୟ ଅତିଥି ସଞ୍ଜୟ କୁମାର ପ୍ରତିଯୋଗୀମାନଙ୍କୁ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ, ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ପୋଲିସ ଜିଲ୍ଲା, ବାଟାଲିୟନ ଓ ପ୍ରତିଷ୍ଠାନରୁ ୧୬ଟି ଦଳ ଓ ୨୬୯ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସମୁଦୟ ତିନୋଟି ବିଭାଗ ଯଥା ରାଇଫଲ, ରିଭଲଭର / ପିସ୍ତଲ ଓ କାର୍ବାଇନ / ଷ୍ଟେନଗନ ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଉଦ୍‌ଯାପନୀ ସମାରୋହ ଅବସରରେ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ଓ ଦଳମାନଙ୍କୁ ଟ୍ରଫି ଓ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ରାଇଫଲ ବିଭାଗରେ ଶ୍ରେଷ୍ଠ ରାଇଫଲମ୍ୟାନ୍ ଭାବେ ଏସଓଜି, ଭୁବନେଶ୍ୱରର ହାବିଲଦାର ମନୋରଞ୍ଜନ ମହାରଣା, ଦ୍ୱିତୀୟ ଶ୍ରେଷ୍ଠ ରାଇଫଲମ୍ୟାନ୍, ଭାବେ ଏସଓଜି, ଭୁବନେଶ୍ୱରର ଆସିଷ୍ଟାଂଟ କମାଣ୍ଡାଂଟ ଇଜତ ପଟ୍ଟନାୟକ, ତୃତୀୟ ଶ୍ରେଷ୍ଠ ରାଇଫଲମ୍ୟାନ୍ ଭାବେ ପ୍ରଶିକ୍ଷଣ ପ୍ରତିଷ୍ଠାନର ଜନେଶ୍ୱରନ ଦୀପକ କୁମାର ତାଙ୍କୁଆ ପୁରସ୍କୃତ ହୋଇଥିଲେ ।

ନବରଙ୍ଗପୁରରେ ଜନଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, ୦୨/୦୩ (ଆ.ପ୍ର) : ଆଜି ନବରଙ୍ଗପୁର ପୌର ପରିଷଦ ସଚିବାଳୟ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମତକର ସମ୍ବାଦ ସମ୍ପାଦକ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଜନୁପଦ ଅଧିକାରୀ ଜିଲ୍ଲା ପରିଷଦ ବିଚାଂଟ ନାରାୟଣ ବରଣ୍ଡାଳ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ

ଶୁଣାଣି ଶିବିରରେ ମୋଟ ୫୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୯ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ବଳିତ ଥିଲା ।୦୪ ଟି ଅଭିଯୋଗ ର ସମାଧାନ ତତ କ୍ଷଣାତ କରାଯାଇଥିଲା ।

ଅଧା ଉପୁଡି ଥିବା ବିଦ୍ୟୁତ ଖୁଂଟ ତଳେ ରହିଛନ୍ତି ଦଶଟି ପରିବାର

ପାଉକାଖେମୁଣ୍ଡି, ୦୨/୦୩ (ଆ.ପ୍ର) : ଗଜପତି ଜିଲ୍ଲା ମୋହନା ବ୍ଲକର ବଡପଣ୍ଡିବା ପଂଚାୟତର ଖାଗିଗୁଡା ଗ୍ରାମର ମଲ୍ଲିକସାହିରେ ଏକ ବିପଦଜନକ ସ୍ଥିତି ଦେଖିବାକୁ ମିଳିଛି । ସେଠାରେ ଦଶଟି ପରିବାର ରହିଆସୁଛନ୍ତି । ସେମାନଙ୍କର ଘର ଭିତରେ ୫ମୀଟରରେ ଅଧା ଉପୁଡି ଥିବା ବିଦ୍ୟୁତ ଖୁଂଟ ରହିଛି । ପରିବାର ଲୋକେ ସେପଟେ ରିବାଆସିବା କରନ୍ତି । ଅଳ୍ପଦିନପୂର୍ବରେ

ହେଉ କିମ୍ବା ସର୍ପସର୍ଦ୍ଦିତ ହେଲେ ନିଶ୍ଚିତ ଭାବେ ଜୀବନମରଣର ସମସ୍ୟା ରହିଛି । ଆଜୁଶି ସାହି ବାଉରେ ମୁକୁନ୍ଦ ଟୁଣ୍ଡପତ୍ର ରହିଛି । ଛୋଟ ଛୁଆ ତାର ସମ୍ବର୍ଶରେ ଆସିଲେ ବିପଦ ରହିଛି । ଏଦିଗରେ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ ସେମାନେ ଭରସେ ଜଗୁଛନ୍ତି । ସେମାନଙ୍କର ମତରେ ଏହା ତାଙ୍କ ବିଭାଗର କାମ ନୁହେଁ ବରଂ କହିଛନ୍ତି । ଆଗକୁ କିଛି ପରିପ୍ରିତି ବିରିଡିଲେ କର୍ତ୍ତୃପକ୍ଷ ଦାୟୀ ହେବେ ବୋଲି କହିଛନ୍ତି ସେହି ଅଂଚଳବାସୀ ।

ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଅଭିଯାନରେ ଅନ୍ଧତ୍ୱମୁକ୍ତ ଦୂରୀକରଣ ଅଭିଯାନ

ମାହାଙ୍ଗା, ୦୨/୦୩ (ଆ.ପ୍ର) : ମାହାଙ୍ଗା ବ୍ଲକ ଲଳିତଗିରି ପଂଚାୟତ ଅଧିନ ପୁରୁଷୋତମପୁର ଠାରେ ସୋମବାର ଦିନ ଓଡ଼ିଶାର ଅଗ୍ରଣୀ ଅନୁଷ୍ଠାନ ଅଭିଯାନ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟ, କେନ୍ଦ୍ରାପଡାର ମିଳିତ ସହଯୋଗରେ ଆଂଚଳିକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଭୂମିକା ଚକ୍ଷୁ ଚିକିତ୍ସାଳୟର ରାଜ୍ୟ ପରିଚାଳକ କର୍ଣ୍ଣାଟ କିଶୋର ଜେନା, ପରାମର୍ଶଦାତା ଭକ୍ତ ବନ୍ଧନ ମହାନ୍ତିଙ୍କ ମାର୍ଗଦର୍ଶନରେ ଆୟୋଜିତ, ଅଭିଯାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପୁରୁଷୋତମପୁର ଠାରେ ଅନୁଷ୍ଠିତ ଚକ୍ଷୁ ପରୀକ୍ଷା ଶିବିରରେ ଲଳିତଗିରି, ପୁରୁଷୋତମପୁର, ପଲେଇ, ବଦରେଶ୍ୱର, ପତରାଜପୁର, ବାହୁଡଙ୍ଗ, ଚାରିଲିଙ୍ଗନ କେଶରାଇପୁର, ଅକରପଡା, ମାଣତିରି ଆଦି ଗ୍ରାମର ୬୨ ଜଣ ବରିଷ୍ଠ ନାଗରିକ ଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ଅଭିଯାନର ସଂପାଦକ ମଧୁସୂଦନ ବାସ, ଚେୟାରମ୍ୟାନ ଅକ୍ଷୟ କୁମାର ମହାନ୍ତି ଙ୍କ ସଂଯୋଜନା ରେ ଅନୁଷ୍ଠିତ ଶିବିରରେ, ଭୂମିକା ଚକ୍ଷୁ ଚିକିତ୍ସାଳୟ କେନ୍ଦ୍ରାପଡାର ଅପଟମ ଡୋନ ସରବାର , ଜିଜନଟେକ୍ନିସିଆନ୍ ବର୍ଷାରାଣୀ ମଲ୍ଲିକ, ସ୍ୱାସ୍ଥ୍ୟ ସେବୀକା ଜଲ୍ୟାଣୀ ନାୟକ, ଲିଯିନ ସାହୁ, ସ୍ୱାସ୍ଥ୍ୟ ସଂଗଠକ ଫିରୋଜ କୁମାର ବେହେରା, ସଂଗଠିକା ଶୁଭଲକ୍ଷ୍ମୀ ସାହୁ ରୋଗୀ ମାନଙ୍କର ସେବା କରିଥିଲେ । ୧୦ ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଅସ୍ତ୍ରୋପଚାର ନିମନ୍ତେ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ପ୍ରେରଣ କରାଯାଇଛି ବୋଲି ସଂସ୍ଥାବକ ମଧୁସୂଦନ ବାସ ଜଣାଇଛନ୍ତି । ଅଜକୁ ଅନ୍ଧତ୍ୱ ମୁକ୍ତ ଅଭିଯାନ ମାଧ୍ୟମରେ ବରିଷ୍ଠ ନାଗରିକମାନଙ୍କର ଚକ୍ଷୁ ପରୀକ୍ଷା ସେବା ଜାରି ରହିବ ବୋଲି ଅକ୍ଷୟ କୁମାର ମହାନ୍ତି ଜଣାଇଛନ୍ତି । ଶିବିର ସ୍ଥଳରେ ଅଭିଯାନ ଅନୁଷ୍ଠାନ ତରଫରୁ ୧୦ ଜଣ ଅଭାବି ଲୋକଙ୍କୁ ମାଗଣାରେ ଚଶମା ବଂଟନ କରାଯାଇଛି ।

ବିମାନରେ ଝୁଲି ଝୁଲି ଗ୍ରାମ ପରିକ୍ରମା କରି ଭୋଗ ଖାଉଛନ୍ତି ରାଧା କୃଷ୍ଣ

ଖଣ୍ଡପଡା, ୦୨/୦୩ (ଆ.ପ୍ର) : ଫାଲଗୁନ ମାସ ଶୁକ୍ଳପକ୍ଷ ତିଥିରୁ ଦୋଳପର୍ବ ଆରମ୍ଭ ହୋଇଛି । ଏ ଅବସରରେ ଦୋଳ ବିମାନରେ ରାଧାକୃଷ୍ଣ ଗ୍ରାମ ପରିକ୍ରମା କରି ଭୋଗ ଖାଇବାର ପରମ୍ପରା ଦୀର୍ଘ ବର୍ଷ ଧରି ପ୍ରଚଳିତ ହୋଇ ଆସୁଛି । ଖଣ୍ଡପଡା ବ୍ଲକ ଅଧୀନ ସିଧାମୁଲା ଗ୍ରାମରେ ପ୍ରଭୁ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଦୋଳ ବିମାନରେ ଗ୍ରାମ ପରିକ୍ରମା କଲା ବେଳେ ଗ୍ରାମର ପ୍ରତ୍ୟେକ ବ୍ୟକ୍ତି ଦୁଆର ସମ୍ମୁଖରେ ଦୀପ ଜାଳି ବିଗ୍ରହଙ୍କୁ ଭୋଗ ଲାଗି କରିଥିଲେ । ସେହିପରି ଜଗନ୍ନାଥପ୍ରସାଦ ଗ୍ରାମର ଆରାଧ୍ୟା ମା ମହିଷାଶୁଣୀଙ୍କ ମନ୍ଦିରରେ ଫଗୁ ଲାଗି ନୀତି ଅନୁଷ୍ଠିତ ହୋଇଯାଇଛି । ନୀତିକାନ୍ତି ଅନୁସାରେ ମନ୍ଦିରରେ ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ ପରେ ମାଆ ସେମାନେ ଭରସେ ଜଗୁଛନ୍ତି । ସେମାନଙ୍କର ମତରେ ଏହା ତାଙ୍କ ବିଭାଗର କାମ ନୁହେଁ ବରଂ କହିଛନ୍ତି । ଆଗକୁ କିଛି ପରିପ୍ରିତି ବିରିଡିଲେ କର୍ତ୍ତୃପକ୍ଷ ଦାୟୀ ହେବେ ବୋଲି କହିଛନ୍ତି ସେହି ଅଂଚଳବାସୀ ।

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଓ ବନ୍ଦନା କଳା ନିକେତନର ବାର୍ଷିକ ଉତ୍ସବ

ଟାଙ୍ଗୀ ଚୌଦ୍ୱାର, ୦୨/୦୩ (ଆ.ପ୍ର) : ଟାଙ୍ଗୀ ଚୌଦ୍ୱାର ବ୍ଲକ ଜହ୍ନେଲପୁର ପଂଚାୟତ ଆଞ୍ଜୁପା ଗ୍ରାମସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଓ ବନ୍ଦନା କଳା ନିକେତନର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଶ୍ରୀଶ୍ରୀଜଳୀ ମହାପାତ୍ରଙ୍କ ପୌରୋହିତ୍ୟରେ ଏବଂ ସମ୍ପାଦକ ଗଙ୍ଗାଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ମୁଖ୍ୟବକ୍ତା ଟେଟ୍ରାହେଡ୍ରନ ଗ୍ରୁପ ଅଫ ଜଳନିର୍ଣ୍ଣୟନର ପ୍ରତିଷ୍ଠାତା ତ୍ରିଦେବ ବେହେରା, ସ୍ୱତନ୍ତ୍ର ଅତିଥି ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ହିମାଂଶୁ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠାତା ସପତ୍ନୀ ସୁଚୋଧ କୁମାର ସାମଲ, ସଫା ସରପଂଚ ନିବାସ ଚନ୍ଦ୍ର ପାଣ୍ଡବ, ଆଡଭୋକେଟ୍ ହେମନ୍ତ କୁମାର ଜେନା, ଦେବୀପ୍ରସାଦ ରାଉତରାୟ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିଜ୍ଞାନରେ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଓ ବନ୍ଦନା କଳା ନିକେତନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଛାତ୍ରୀଛାତ୍ର ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ବାର୍ଷିକ କ୍ରୀଡାରେ ଭାଗନେଇଥିବା କୃତି ପ୍ରତିଯୋଗୀମାନଙ୍କୁ ଅତିଥିବୃନ୍ଦ ମାନପତ୍ର ଓ ପୁରସ୍କାର ବଂଟନ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ନାଗରିକ ବାବାଜୀ ସାମଲ ଓ ଶିକ୍ଷା କେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ସପତ୍ନୀ ଦେବୀ ପ୍ରାସାଦ ରାଉତରାୟ, ସୁନନ୍ଦା ଚନ୍ଦ୍ର ଦେବରେରା, ପ୍ରମୋଦ ଜଟ, ଗଙ୍ଗାଧର ସ୍ୱାଇଁ, ମଧୁସୂଦନ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

ମର୍ମନ୍ତୁଦ ସଡକ ଦୁର୍ଘଟଣା, ଜଣେ ମୃତ

ଦଶପଲ୍ଲା, ୦୨/୦୩ (ଆ.ପ୍ର) : ଦଶପଲ୍ଲା ଥାନା ଅନ୍

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ପାରାଦ୍ୱୀପ ତୈଳବିଶୋଧନାଗାର ପକ୍ଷରୁ ଦୂରୋତର ଆପାତକାଳିନ ପ୍ରତିରୂପ ଅଭ୍ୟାସ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ତହସିଲ ଅଧିନସ୍ଥ ପେଗରପଡା ଗ୍ରାମରେ ଅନୁଷ୍ଠିତ

ତିର୍ତୋଲ, ୦୨/୦୩ (ଆ.ପ୍ର) : ତୈଳବିଶୋଧନାଗାର ଅଧିକାରୀ ଚେତନ ଖଣ୍ଡେଓଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା । ଏହି ସଭାରେ ରାଜକନିକାର ଜିଲ୍ଲା ଆପାତକାଳିନ ଅଧିକାରି ନିତ୍ୟରଞ୍ଜନ ସାମଲ, ପେଗରପଡା ସରପଂଚ ଶ୍ରୀକାନ୍ତ ମଲିକ, ରାଜକନିକା ଅଗ୍ନିଶମ ଅଧିକାରି ଅଜୟ କୁମାର ସ୍ୱାଇଁ, ରାଜକନିକା ଭାରପ୍ରାପ୍ତ ଅଧିକାରୀ ସଂଘମିତ୍ର କୁମାର ମଲିକ, ଲେଖାପଢା ଓଡରାଘ ଅଧିକାରୀ ଅକ୍ଷୟ କୁମାର ଗଢେଇ, ଓଡରାଘ କନିଙ୍ଗ ନଗର ସନ୍ତୋଷ ଗୁପ୍ତ, ଜିଲ୍ଲା ପ୍ରୋଜେକ୍ଟ ଅଧିକାରୀ ଅଜୟ କୁମାର ମହାନ୍ତି, ଆରାଣ ସୁପରଭାଇଜର ଅଶୋକ

ରାମ, ରାଜକନିକା ମେଡିକାଲ ଅଫିସର ଡଃ ବାବଲ କୁମାର ମହାନ୍ତିଙ୍କ ସମେତ ତୈଳବିଶୋଧାନାଗାରର ବହୁ ପଦାଧିକାରି ବ୍ୟକ୍ତି ମାନେ ଉପସ୍ଥିତ ଥିଲେ । ପାରାଦ୍ୱୀପ ତୈଳବିଶୋଧନାଗାର ପକ୍ଷରୁ ପ୍ରତିବର୍ଷ ଏହିପରି ଆପାତକାଳିନ ପ୍ରତିରୂପ ଅଭ୍ୟାସ କରାଯାଇଥିବାବେଳେ ଚଳିତ ବର୍ଷ ରାଜକନିକା ପେଗରପଡା ଗ୍ରାମରେ ହୋଇଥିବାବେଳେ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାର ଗ୍ରାମବାସୀ ମଧ୍ୟ ଉପସ୍ଥିତ ଥିଲେ । ପାରାଦ୍ୱୀପ ତୈଳବିଶୋଧନ ଗାରରୁ ହଳଦିଆ ପର୍ଯ୍ୟନ୍ତ ଯାଇଥିବା ପାଇପ ଲାଇନ ସୁରକ୍ଷିତ ରଖିବାକୁ ଚାଷଜମିରେ ଯାଇଥିବା ପାଇପ ଗୁଡିକୁ କିଭଳି ସୁରକ୍ଷିତ ଭାବେ ରଖି ଚାଷୀ ମାନେ ସେମାନଙ୍କ ଚାଷ ଜମିରେ ଚାଷ କରି ପାରିବେ ସେମାନେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଆହୁରି ମଧ୍ୟ କୌଣସି ସମୟରେ ପାଇପ ଲିକେଜ ହେବା କିମ୍ବା କୌନସି ସମୟରେ ଦୁର୍ବୃତ୍ତି ମାନେ ପାଇପ କାଟି ତୈଳ ଚୋରୀ କରିବା ପାଇଁ ଉଦ୍ୟମ କରାଯାଉଥାଏ ତେବେ ପାଇପ ନିକଟରେ ଯାଇଥିବା ସୂଚନା ଫଳକ ରେ ଦିଆଯାଇଥିବା ଫୋନ ନମ୍ବରରେ ତୈଳବିଶୋଧନାଗାର କର୍ତ୍ତୃପକ୍ଷଙ୍କୁ ତୁରନ୍ତ ସୂଚନା ଦେବାକୁ ପାରମର୍ଶ ଦେଇଥିଲେ । ତେବେ ପାଇପ ଲିକେଜ ହୋଇ ଅଗ୍ନିକାଣ୍ଡ ଘଟିଲେ ଜନବସତି କୁ ସୁରକ୍ଷା ରଖିବା ସହିତ ତୁରନ୍ତ ଲିକେଜ ହୋଇଥିବା ପାଇପକୁ ମରାମତି କରାଯାଇପାରିବ ସେନେଇ ଏକ ପ୍ରତିରୂପ ଅଭ୍ୟାସ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପେଗରପଡାର ଗ୍ରାମବାସୀ ମାନେ ଯୋଡେଇଥିବା ମାନଙ୍କୁ କାର୍ଯ୍ୟକ୍ରମ କ୍ଷେତ୍ରରେ ଏକ ପ୍ରତିରୂପ ଅଭ୍ୟାସ କରାଯାଇଥିଲା । ସେ ଦେଖିଥିଲେ ଯେ ଦୋକାନର କାନ୍ଥ ଲାଙ୍ଗାଯାଇଛି ଓ ସିସିଟିଭି କ୍ୟାମେରା ନଷ୍ଟ କରାଯାଇଛି । ପରେ ସେ ସବର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ପୋଲିସ ଟିମ୍ ଦୋକାନ ତଦନ୍ତ କରିବା ସମୟରେ ଟଙ୍କା ବକ୍ସ ଖୋଲା ଅବସ୍ଥାରେ ମିଳିଥିଲା ଓ କିଛି ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି । ଦୋକାନ ମାଲିକଙ୍କ କହିବା ଅନୁସାରେ, ଟଙ୍କା ବକ୍ସରେ ରଖାଯାଇଥିବା ସମସ୍ତ ନଗଦ ଟଙ୍କା ଦୁର୍ବୃତ୍ତମାନେ ନେଇ ପଳାଇଛନ୍ତି । ଖବର ପାଇ ଦଶପଲ୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

ଓ୍ୱେଲ୍ଡିଂ ଦୋକାନରୁ ଚୋରି ଅଭିଯୋଗ,

କୁଜୁଡାଖଣ୍ଡି, ୦୨/୦୩ (ଆ.ପ୍ର) : ସଦର ଥାନା ଅନ୍ତର୍ଗତ କୁଜୁଡାଖଣ୍ଡି ଗ୍ରାମରେ ଥିବା 'ଆଶ୍ର ବିଲ୍ଡିଙ୍ଗ୍ ସୋଲୁସନ' ନାମକ ଏକ ଓ୍ୱେଲ୍ଡିଂ ଦୋକାନରୁ ଦୁର୍ବୃତ୍ତମାନେ ଚୋରି କରିବା ଘଟଣା ଏବେ ଅଂଚଳରେ ଭୟର ବାତାବରଣ ସୃଷ୍ଟି କରିଛି । ସୂତ୍ରର ଅନୁସାରୀ, ଗତ ମଧ୍ୟରାତ୍ର ସମୟରେ କିଛି ଅଜଣା ଦୁର୍ବୃତ୍ତ ଦୋକାନ ପାଖରୁ ଆସି ପ୍ରଥମେ କାନ୍ଥ ଲାଙ୍ଗି ଭିତରକୁ ପ୍ରବେଶ କରିଥିଲେ । ପରେ ସେମାନେ ଦୋକାନ ମଧ୍ୟରେ ଥିବା ଟଙ୍କା ବକ୍ସ ଖୋଲି ସେଥିରେ ଥିବା ପ୍ରାୟ ୭୦ ହଜାର ଟଙ୍କା ସହ କିଛି ମୂଲ୍ୟବାନ ସାମଗ୍ରୀ ଚୋରି କରିଥିଲେ । ଏହାସହିତ, ଚୋରି ପ୍ରମାଣ ମିଟାଇବା ପାଇଁ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାକୁ ମଧ୍ୟ ଭଙ୍ଗାଗୁଡା କରି ଦୁର୍ବୃତ୍ତମାନେ ଘଟଣା ସ୍ଥଳ ଛାଡି ଚମ୍ପଟ ମାରିଥିଲେ । ସୋମବାର ସକାଳୁ ଦୋକାନ ମାଲିକ ରୋଷିତ କାପଡ଼ ଦୋକାନ ଖୋଲିବାକୁ ଆସିବା ସମୟରେ ଏହି ଘଟଣା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେ ଦେଖିଥିଲେ ଯେ ଦୋକାନର କାନ୍ଥ ଲାଙ୍ଗାଯାଇଛି ଓ ସିସିଟିଭି କ୍ୟାମେରା ନଷ୍ଟ କରାଯାଇଛି । ପରେ ସେ ସବର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ପୋଲିସ ଟିମ୍ ଦୋକାନ ତଦନ୍ତ କରିବା ସମୟରେ ଟଙ୍କା ବକ୍ସ ଖୋଲା ଅବସ୍ଥାରେ ମିଳିଥିଲା ଓ କିଛି ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି । ଦୋକାନ ମାଲିକଙ୍କ କହିବା ଅନୁସାରେ, ଟଙ୍କା ବକ୍ସରେ ରଖାଯାଇଥିବା ସମସ୍ତ ନଗଦ ଟଙ୍କା ଦୁର୍ବୃତ୍ତମାନେ ନେଇ ପଳାଇଛନ୍ତି । ଏନେଇ ପୋଲିସ ଏକ ମାମଲା ରୁଜୁ କରିଥିବା ବେଳେ, ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି ।

ଓଲଟିଲା ଧାନ ବୋଝେଇ ଟ୍ରକ

ଦଶପଲ୍ଲା ୦୨/୦୩ (ଆ.ପ୍ର) : ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ କୁଞ୍ଜବନଗଡ଼ ସେବା ସମବାୟ ସମିତି ପାଉ ଧାନ ବୋଝେଇ କରି ଏକ ଟ୍ରକ ମାଡ଼ି ଜିଲ୍ଲା ବାଟ ଆସିବା ପରେ ଲାଖିବାଡାର ଠାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଏକ କାର୍ ଓ ବାଇକ୍ କ୍ଷତିଗ୍ରସ୍ତ ହୋଇଛି । କାର ଯାତ୍ରୀ ମାନେ ଗାଡି ରଖି ଜଳଖିଆ କରିବାକୁ ଯାଇଥିବାରୁ ସୌଭାଗ୍ୟବଶତଃ ନିଶ୍ଚିତ ବିପଦରୁ ରକ୍ଷା ପାଇ ଯାଇଛନ୍ତି । ଖବର ପାଇ ଦଶପଲ୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

ଉପଖଣ୍ଡ ଚିକିତ୍ସାଳୟ ଡାକ୍ତରଙ୍କ ମନମାନି ପ୍ରତିବାଦରେ ଧାରଣା ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ନୀଳଗିରି, ୦୨/୦୩ (ଆ.ପ୍ର) : ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରଙ୍କ ମନମାନି ପ୍ରତିବାଦରେ ଆଜି ସନ୍ଧ୍ୟାରେ ଜିଲ୍ଲା ଯୁବକ ଧାରଣା ଦେଇଥିବା ଦେଖିବାକୁ ମିଳିଛି । ସୂଚନାରୁ ଜଣାଯାଇଛି, ଖିପରା ବୁଲ୍ ବାଇଁଶବଣିଆ ପଂଚାୟତ ସାନପାଟପୁର ଗ୍ରାମର ସନ୍ତୋଷ ରାଉତ (୨୯) ନାମକ ଯୁବକ ଏବଂ ତାଙ୍କ ସ୍ତ୍ରୀ ରାଜଶ୍ରୀ ରାଉତଙ୍କ ମଧ୍ୟରେ ପାରିବାରିକ କଳହ ଜାଉଥିରୁ ରାଜଶ୍ରୀ କଳବାଳୟପୁର ସ୍ଥିତ ବାପଘରେ ରହୁଥିଲେ । ଗତ ଫେବୃଆରୀ ୨୦ତାରିଖ ରାଜଶ୍ରୀ ଏବଂ ତାଙ୍କ ସାନଭାଇଙ୍କୁ ସ୍ଥିତ ଅଙ୍ଗନୱାଡ଼ିକୁ ଆସିଥିବା ବେଳେ, ରାଜଶ୍ରୀଙ୍କ ଶାଶୁ ସୁମତି ଓ ଶଶୁର ଭମାକାନ୍ତ ବୋହୂଙ୍କୁ ଗାଳିଗୁଳଜ କରିବାସହିତ ମାରଧର କରିଥିଲେ । ଏନେଇ ନୀଳଗିରି ହସ୍ପିଟାଲରେ ଭାଇର ଭଉଣୀଙ୍କୁ ଆତ୍ମମିଳନ କରାଯାଇ ଚିକିତ୍ସା କରାଯାଇଥିଲା । ଏହି ଘଟଣାରେ ରାଜଶ୍ରୀଙ୍କ ମାଆ ମମତା ଦାସ ନୀଳଗିରି ଥାନାରେ

ରିପୋର୍ଟ କରିବାପରେ ନୀଳଗିରି ପୋଲିସ ସନ୍ତୋଷଙ୍କ ବାପା ଏବଂ ମାଆଙ୍କୁ ଗିରଫକରି କେଲହାଜତକୁ ପଠାଇ ଦେଇଥିଲେ । ତେବେ ଘଟଣାର ସମାଧାନ ହୋଇଥିବା ବେଳେ ସୋମବାର ଭମାକାନ୍ତ ଏବଂ ସୁମତୀଙ୍କୁ ଛେଡ଼ି ଦେବାର ଥିଲା । ମାତ୍ର ନୀଳଗିରି ହସ୍ପିଟାଲର ଡାକ୍ତର ସିଗମା ଶତପଥୀ ଲାଞ୍ଚୁଲି ରିପୋର୍ଟ ଦେବାକୁ ଥିବାବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ମନମାନି ନୀତି ଅବଲମ୍ବନ କରିଥିଲେ । ରବିବାର ଡାକ୍ତର ଶତପଥୀଙ୍କର ହସ୍ପିଟାଲ ଡିଉଟି ଚାର୍ଟରେ ଛାଡିବାର ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଡିୟୁଟି ଥିଲେଢେଁ ଡାକ୍ତରଙ୍କ ଅନୁପସ୍ଥିତି ଥିବାରୁ ଲାଞ୍ଚୁଲୀ ରିପୋର୍ଟ ମିଳିପାରିନଥିଲା । ଫଳରେ ଦୋଳ ଏବଂ ଦୋଳି ଉପଲକ୍ଷେ କୋର୍ଟ ବନ୍ଦରହିବାରୁ ଆଶଙ୍କାକରି ପୁଅ ସନ୍ତୋଷଙ୍କ ସହିତ ରଣଜିତ୍ କୁମାର ପଣ୍ଡିତ, ରାଜେଶ କୁମାର ରାଉତ, ପର୍ଶୁରାମ ରାଉତ, ଜଳଧର ପଣ୍ଡିତ ଲପକ ପଣ୍ଡିତ, ବିନୋଦ ସେଠୀ, ଅଶ୍ୱିନୀ ପାତ୍ର ପ୍ରମୁଖ ବନ୍ଧୁବାନ୍ଧବ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ମନମାନିକୁ ବିରୋଧକରି ହସ୍ପିଟାଲ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ । ଶେଷରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଧାରଣାସ୍ଥଳରେ ପହଂଚି ଲାଞ୍ଚୁଲି ରିପୋର୍ଟ ମିଳିବାର ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

ଓଡିଶା ଦିବସ ୨୦୨୬ ଏବଂ ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ୨୦୨୬ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଜଗତସିଂହପୁର, ୦୨/୦୩ (ଆ.ପ୍ର) : ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଓଡିଶା ଦିବସ ୨୦୨୬ ଏବଂ ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ୨୦୨୬ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା, ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକ ରେ ମାନ୍ୟବର ସାଂସଦ ଜଗତସିଂହପୁର ବିଜୁ ପ୍ରସାଦ ତରାଇ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଛୋଟୀ ଏବଂ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ମଂଚାସୀନ ଥିଲେ । ପ୍ରଥମେ ଓଡ଼ିଶା ଦିବସ ପାଳନର୍ଥ କାର୍ଯ୍ୟସୂଚୀ ପାଠ କରାଯାଇଥିଲା । ଏହାପରେ ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ମାନଙ୍କ ସହ ସାଂସଦ ବିଜୁ ପ୍ରସାଦ ତରାଇ, ଏବଂ ଜିଲ୍ଲାପାଳ ଆସନ୍ତା ଏପ୍ରିଲ୍ ୧

ତାରିଖରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲା ମହୋତ୍ସବ କଲ୍ଲୋଳର ପ୍ରସ୍ତୁତି ବିଷୟ ରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଏବଂ ଏଥି ନିମନ୍ତେ ସେମାନଙ୍କର ସୁଚିନ୍ତିତ ମତାମତ ଜାନାଇ କରିଥିଲେ । ସାଂସଦ ଜିଲ୍ଲାରେ ହେବାକୁ ଥିବା ଏହି ମହୋତ୍ସବ ସମସ୍ତ ଜିଲ୍ଲା ବାସୀଙ୍କର ଓ ଏଗାକୁ ସୃତ୍ତାରୁ ରୂପେ ସଂପାଦନ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ । ପ୍ରତ୍ୟେକ ଜଗତସିଂହପୁରବାସୀ ଭାବପ୍ରବଣତା ଓ ଆତ୍ମୀୟତାର ସହ ଚଳିତ ବର୍ଷ ଆହୁରି ସୁନ୍ଦର ଭାବେ ଏହି ମହୋତ୍ସବକୁ ସଂପାଦନ କରିବାପାଇଁ ସହଯୋଗ କରିବାକୁ ସେ ବଳବତ୍ୟ ରଖିଥିଲେ । ଏଥିସହିତ ଆଦିପୁରୁ ସୁରଶିକା ନିମନ୍ତେ ଲେଖାଗୁଡ଼ିକ ଜଗତସିଂହପୁର ଜିଲ୍ଲାର ଭାବୀ ଭବିଷ୍ୟତ ଷ୍ଟାମ୍ପିତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ବୈଠକ ରେ ଜିଲ୍ଲା ମହୋତ୍ସବର ସ୍ଥାନ ନିରୂପଣ, ଅତିଥି ଚୟନ, କାର୍ଯ୍ୟ ସମ୍ପାଦନ ନିମନ୍ତେ ବିଭିନ୍ନ କମିଟି ଗଠନ ତଥା କମିଟି ସଦସ୍ୟ ମନୋନୟନ, ଆୟ ବ୍ୟୟ ହିସାବ, ୫ଦିନର କାର୍ଯ୍ୟସୂଚୀ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ ଜେ ସୋନାଲ ଏହାର ସଫଳ ରୂପାୟନ ନିମନ୍ତେ ଉପସ୍ଥିତ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବୈଠକର ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଭା ତମୟା ମାଳାଶ୍ରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ଓଡ଼ିଶା ଦିବସ ର କାର୍ଯ୍ୟ ସୂଚୀ ପାଠ କରିଥିଲେ । ଓଡିଶା ଦିବସ ଉପଲକ୍ଷେ ଏପ୍ରିଲ ଏକ ତାରିଖ ପ୍ରାତଃ ୪ ଘଟିକା ସମୟରେ ଡ଼ାଙ୍କବାଜି ଯସ ଯୋଗେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସହରରେ ବେଶେଷ୍ଟ ବେଶେଷ ସଙ୍ଗୀତ ଗାନ, ସକାଳ ୬ ଘଟିକା ସମୟରେ ବିଦ୍ୟାଳୟ ମାନଙ୍କରେ ପ୍ରଭାତ ଫେରି, ସହର ରେ ଥିବା ମାଧ୍ୟପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ, ଗୋପବନ୍ଧୁ ନଗର ଉଦ୍ୟାନ ଠାରେ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ, ୧ ମ ରୁ ୩ୟ, ୪ର୍ଥ ରୁ ୫ମ, ୬ ଷ୍ଠ ରୁ ୮ ମ କର୍ଗରେ ଓଡିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଏବଂ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯିବା ପାଇଁ ସ୍ଥିରୀକୃତ ହୋଇଥିଲା । ଏଥିସହିତ ନୂତନ ଭାବେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ମହାବିଦ୍ୟାଳୟ ସ୍ତରରେ ସ୍ୱୟଂ ର ଜଗତସିଂହପୁର ବିଷୟରେ ଆଧାରିତ ପ୍ରଦର୍ଶନୀ ଆୟୋଜନ କରାଯିବ ବୋଲି ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଥିଲେ । ବୁଲ୍ ଓ ପୌର ପରିଷଦ ସ୍ତର ରେ ତା ୨୩.୦୩.୨୫ ଏବଂ ଜିଲ୍ଲାସ୍ତରରେ ୨୫.୦୩.୨୫ ରିଖ ରେ ଏହି ସମସ୍ତ ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ବୈଠକରେ ସ୍ଥିର ହୋଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ କାର୍ଯ୍ୟ ସୂଚୀ ଅନୁଯାୟୀ ବୈଠକକୁ ଆଗେଇ ନେଇଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାଚୀ ଅଧିକାରୀ, ପୌର ପରିଷଦ, ବିଡ଼ିଓ, ତହସିଲଦାର, ସହାୟକ ତଥା ସହକାରୀ ଜିଲ୍ଲାପାଳ, ଜିଲ୍ଲାର ବରିଷ୍ଠ ବୁଦ୍ଧିଜୀବି, ଆକାଦେମି, ସମାଜସେବୀ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ବଳିୟ ଅଂଶ ଗ୍ରହଣ କରିବା ସହ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ ।

ଜୀବନବ୍ୟାପୀ ସାଧନା ପାଇଁ ନିର୍ଭୟ ସଂପାଦକ ନବୀନ ଦାସ ସମ୍ମାନିତ

ପୁରୀ, ୦୨/୦୩ (ଆ.ପ୍ର) : ପୁରୀରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ରାଜ୍ୟସ୍ତରୀୟ ବିତର୍କ, ଯେଉଁ ଗଣତନ୍ତ୍ର ରେ ଗଣମାଧ୍ୟମ ଜନହିତ ଓ ରାଜହିତ ମଧ୍ୟରେ ସମନ୍ୱୟ ରକ୍ଷା କରେ, ସେଠାରେ ଦେଶ ସମୃଦ୍ଧ ହୁଏ । ହେଲେ ଯେଉଁ ଗଣତନ୍ତ୍ରରେ ଗଣମାଧ୍ୟମର ସ୍ୱାଧିନତା ନାହିଁ, ସେଠାରେ ବିକଶିତ ଭାରତ ଏକ ସ୍ୱପ୍ନ ବୋଲି ବକ୍ତବ୍ୟରି ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତ୍ରୁଟିକିଶୋର ତ୍ରିପାଠୀ । ପୁରୀ ଲୁଚ୍ ସାଣ୍ଡିନୀ ଜଗତରେ, ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଆୟୋଜିତ 'ଜନହିତ ନା' ରାଜନୈତିକ ହିତରେ ଆଜିର ସମାଜସ୍ଥିତ 'ଶାର୍ଦ୍ଦଳ ଗଣମାଧ୍ୟମ କର୍ମଶାଳାକୁ ଉଦଘାଟନ କରି, ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ କହିଥିଲେ ଯେ ଆଜି ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସରେ ଭାରତବର୍ଷ ଏବେ ବିଶ୍ୱର ୫ ୨ତମ ସ୍ଥାନକୁ ଖସିଆସିଛି । ସତ୍ୟ ସମ୍ବାଦ ପରିବେଶଣ କରି ୧୫ ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଗିରଫ ଘଟଣା ଆଜି ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତିକୁ ସ୍ମରଣ କରାଉଛି । ଯେଉଁଟି ଗଣତନ୍ତ୍ର ଓ ଗଣମାଧ୍ୟମ ମାଲିକ, ସତ୍ୟର ଜଣ୍ଟରୋଧ କରୁଛନ୍ତି, ସେଠାରେ ଜନହିତ ଆସିବ କେଉଁଠାରୁ । ଯଦି ଦେଶହିତ ପାଇଁ ଉଦ୍ଦିଷ୍ଟ ଗଣମାଧ୍ୟମ ଶିଖରେ ପରିଣତ ହୋଇ, ଜାତୀୟତାକ ନିୟନ୍ତ୍ରକୁ ନିଜର ପ୍ରତବ୍ଧ ଭାବେ, ସେଠାରେ ସମ୍ବୁଦ୍ଧ ଭାରତର ସ୍ଥାନ ନାହିଁ । ଅନୁଷ୍ଠାନ ତଥା ସମ୍ବାଦପତ୍ରର ସଂପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିତର୍କ ରେ ଭାଗ ନେଇ, ବିଜେଡିର ବରିଷ୍ଠ ନେତା ଭୃତ୍ତୁ

ବଳିପାତ୍ର କହିଥିଲେ ଯେ କେବଳ ଶେଷ ନୁହେଁ, କିନ୍ତୁ ରାଜ୍ୟରେ ବିଗତ ଅନେକ ବର୍ଷ ଧରି ବିଭିନ୍ନ ସରକାରୀ ଦଳ, ଗଣମାଧ୍ୟମକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି, ଯାହାକି ବିଶ୍ୱରେ ମିଡ଼ିଆର ସ୍ୱତନ୍ତ୍ରତା ଭାରତର ସ୍ଥାନ ୧୬୧ରେ ରହିଛି । ବିତର୍କରେ ଯୋଗଦେବା ବିଜେପିର ବରିଷ୍ଠ ନେତା ସଜନ ଶର୍ମା କହିଥିଲେ ଯେ ଆଜିର ଗଣମାଧ୍ୟମ କର୍ମଶାଳାକୁ ଉଦଘାଟନ କରି, ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ କହିଥିଲେ ଯେ ଆଜି ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସରେ ଭାରତବର୍ଷ ଏବେ ବିଶ୍ୱର ୫ ୨ତମ ସ୍ଥାନକୁ ଖସିଆସିଛି । ସତ୍ୟ ସମ୍ବାଦ ପରିବେଶଣ କରି ୧୫ ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଗିରଫ ଘଟଣା ଆଜି ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତିକୁ ସ୍ମରଣ କରାଉଛି । ଯେଉଁଟି ଗଣତନ୍ତ୍ର ଓ ଗଣମାଧ୍ୟମ ମାଲିକ, ସତ୍ୟର ଜଣ୍ଟରୋଧ କରୁଛନ୍ତି, ସେଠାରେ ଜନହିତ ଆସିବ କେଉଁଠାରୁ । ଯଦି ଦେଶହିତ ପାଇଁ ଉଦ୍ଦିଷ୍ଟ ଗଣମାଧ୍ୟମ ଶିଖରେ ପରିଣତ ହୋଇ, ଜାତୀୟତାକ ନିୟନ୍ତ୍ରକୁ ନିଜର ପ୍ରତବ୍ଧ ଭାବେ, ସେଠାରେ ସମ୍ବୁଦ

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଆଫଗାନିସ୍ତାନ ବିପକ୍ଷରେ ଦିନିକିଆ ଏବଂ ଟେଷ୍ଟ ସିରିଜ୍ ଖେଳିବ ଭାରତ

ନୂଆଦିଲ୍ଲୀ, ୨/୩(ନ୍ୟୁ.ଏ): ଭାରତ ଗସ୍ତରେ ଆସିବେ ଆଫଗାନିସ୍ତାନ । ଗୋଟିଏ ଟେଷ୍ଟ ଏବଂ ୩ଟି ଦିନିକିଆ ଖେଳିବ । ସେମାବାର ଡିସିସିଆଇ ପକ୍ଷରୁ ପ୍ରକାଶ ପାଇଛି ମ୍ୟାଚ୍ ସୂଚୀ । ଆଫଗାନିସ୍ତାନର ଭାରତ ଗସ୍ତ ଜୁନ୍ ୬ ତାରିଖରୁ ଆରମ୍ଭ ହେବ । ଆଇପିଏଲ ସରିବା ପରେ ଏହି ସିରିଜ୍ ଖେଳାଯିବ । ଆଇପିଏଲ ସରୁ ସରୁ ଆରମ୍ଭ ହେବ ବୋଲି ସୂଚନା ରହିଛି । ଜୁନ୍ ୬ ତାରିଖରୁ ୧୦ ପର୍ଯ୍ୟନ୍ତ ଖେଳାଯିବ ଟେଷ୍ଟ ମ୍ୟାଚ୍ । ଏହି ମ୍ୟାଚଟି ନ୍ୟୁ ଚଣ୍ଡିଗଡ଼ରେ ଖେଳାଯିବ । ଦ୍ୱିତୀୟଥର ପାଇଁ ଭାରତ ଆଫଗାନିସ୍ତାନ ବିପକ୍ଷରେ ଟେଷ୍ଟ ସିରିଜ ଖେଳିବା ପାଇଁ ମଇଦାନକୁ ଓହ୍ଲାଇବ । ଏହାସହ ପ୍ରଥମ ଦିନିକିଆ ଧର୍ମଶାଳା, ଦ୍ୱିତୀୟ ମ୍ୟାଚ ଲକ୍ଷ୍ନୌ ଏବଂ ତୃତୀୟ ଦିନିକିଆ ଚେନ୍ନାଇରେ ଖେଳାଯିବ । ଜୁନ୍ ୧୪ ତାରିଖରେ ପ୍ରଥମ ଦିନିକିଆ ଖେଳାଯିବାକୁ ଥିବାବେଳେ ଜୁନ୍ ୧୭ ଏବଂ ୨୦ ଦ୍ୱିତୀୟ ତୃତୀୟ ଦିନିକିଆ ମ୍ୟାଚ୍ ଖେଳାଯିବ । ଦିନିକିଆ ସିରିଜ୍ ଖେଳାଯିବାକୁ ଥିବାବେଳେ ବିରାଟ ଏବଂ ରୋହିତ ପୁଣିଥରେ ଆନ୍ତର୍ଜାତୀୟ କ୍ରିକେଟରେ ନଜର ଆସିବେ ।

ଖାମେନେଇଙ୍କ ପତ୍ନୀ ମନସୁରେହ ଖୋଜାସ୍ତେହ ବାଘେରଜାଦେହଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨/୩(ନ୍ୟୁ.ଏ): ଆୟାତୋଲ୍ଲା ଅଲି ଖାମେନେଇଙ୍କ ପତ୍ନୀ ମନସୁରେହ ଖୋଜାସ୍ତେହ ବାଘେରଜାଦେହଙ୍କ ମୃତ୍ୟୁ ହୋଇଛି । ଇରାନର ସରକାରୀ ଗଣମାଧ୍ୟମ ଏହି ଖବରକୁ ନିଶ୍ଚିତ କରିଛି । ରିପୋର୍ଟ ଅନୁଯାୟୀ, ସେ ବୁଧ ଦିନ ପୂର୍ବରୁ ଆମେରିକା ଏବଂ ଇସ୍ରାଏଲ ଆକ୍ରମଣରେ ଆହତ ହୋଇଥିଲେ । ଏବେ ତାଙ୍କର ଚିକିତ୍ସାଧୀନ ସମୟରେ ମୃତ୍ୟୁ ହୋଇଛି । ଏହି ଆକ୍ରମଣରେ ଖାମେନେଇ ଏବଂ ତାଙ୍କ ପରିବାରର ଅନେକ ସଦସ୍ୟ ମଧ୍ୟ ପ୍ରାଣ ହରାଇ ସାରିଲେଣି । ମନସୁରେହ ୧୯୬୪ ମସିହାରେ ଖାମେନେଇଙ୍କୁ ବିବାହ କରିଥିଲେ । ସେ ସର୍ବଦା ସାର୍ବଜନୀନ ଜୀବନରୁ ଦୂରରେ ରହୁଥିଲେ ଏବଂ କୌଣସି ସରକାରୀ କାର୍ଯ୍ୟକ୍ରମରେ ତାଙ୍କୁ କାଁ ଭାଁ ଦେଖିବାକୁ ମିଳୁଥିଲା । ଆମେରିକା ଏବଂ ଇସ୍ରାଏଲ ପୃଥକ ଭାବରେ ଖାମେନେଇଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ମୃତ୍ୟୁକୁ ନିଶ୍ଚିତ କରିନାହାଁନ୍ତି । ତଥାପି, ଇରାନର ସରକାରୀ ଗଣମାଧ୍ୟମ ଲଗାତାର ଭାବରେ କହିଛି ଯେ ଆକ୍ରମଣରେ ତାଙ୍କ ପରିବାରର ଅନେକ ସଦସ୍ୟ ପ୍ରାଣ ହରାଇଛନ୍ତି । ଖାମେନେଇଙ୍କ ପରିବାରର ଅନେକ ନାତିନାତୁଣୀ ଅଛନ୍ତି । ତଥାପି, କେବଳ ଜଣେ ନାତିର ନାମ ସାର୍ବଜନୀନ ଭାବରେ ପ୍ରକାଶ କରାଯାଇଛି: ମହମ୍ମଦ ବାଘେର ଖାମେନେଇ । ଖାମେନେଇଙ୍କ ତିନି ଭାଇ ଥିଲେ, ଯେଉଁଥିରେ ମହମ୍ମଦ ଖାମେନେଇ ଏବଂ ହାଦି ଖାମେନେଇ ସାମିଲ ଥିଲେ । ତାଙ୍କ ଚାରି ଭଉଣୀଙ୍କ ମଧ୍ୟରୁ ଜଣେ, ବଡ଼ି ଖାମେନି, ୧୯୮୦ ଦଶନ୍ଧରେ ଇରାନ ଛାଡି ବିଦେଶକୁ ଚାଲିଯାଇଥିଲେ । ରିପୋର୍ଟ ଅନୁସାରେ, ଖାମେନିଙ୍କ ଜିଜି ଭଣଜା ଏବଂ ନାତି ନାତୁଣୀ ବିଦେଶରେ ରୁହନ୍ତି, ସେମାନଙ୍କ ମଧ୍ୟରୁ କିଛି ଫ୍ୟାରିସରେ ରହୁଥିବା ରିପୋର୍ଟ ହୋଇଛି । ଖାମେନେଇଙ୍କ ପୁଅ ଏବଂ ଝିଅ ଇରାନରେ ରହିଛନ୍ତି ।

ଓମାନ ଉପକୂଳରେ ଡ୍ରୋନ ବୋଟ୍ ଆଟାକ୍: ଜଳିଗଲା ତୈଳ ଟ୍ୟାଙ୍କର, ଭାରତୀୟ କୁ ମୃତ

ନୂଆଦିଲ୍ଲୀ, ୨/୩(ନ୍ୟୁ.ଏ): ମାନବିହୀନ ଡ୍ରୋନ ବୋଟ୍ ଘଟାଇଛି ସଂଘାତିକ ଜାଷ୍ଟ । ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଓ ଇରାନ ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ବେଳେ ଓମାନରେ ଡ୍ରୋନ ବୋଟ ଆଟାକରେ ଗୋଟିଏ ତେଲ ବୋଝେଇ ଟ୍ୟାଙ୍କର କ୍ଷତିଗ୍ରସ୍ତ ହୋଇଛି । ଡ୍ରୋନ ବୋଟ ଆଟାକରେ ତେଲ ବୋଝେଇ ଟ୍ୟାଙ୍କରରେ ନିଆଁ ଲାଗି ଯାଇଛି । ଏଥିରେ ଜଣେ ଭାରତୀୟ କୁ ସବସ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ସମସ୍ତଙ୍କୁ ମଝି ସମୁଦ୍ରରୁ ଉଦ୍ଧାର କରାଯାଇଛି । ଓମାନର ସାମୁଦ୍ରିକ ସୁରକ୍ଷା କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ପୂରା ଘଟଣା ମଙ୍କାଟ ଗଭର୍ଣ୍ଣରେଟରେ ଥିବା ପୋର୍ଟ ଅଫ ସୁଲତାନ କ୍ୱାବସ ଠାରୁ ପ୍ରାୟ ୧୦୦ କିମି ଦୂରରେ ଘଟିଛି । ମାର୍ଚ୍ଚ ୧ରେ ଏହି ଘଟଣା ଘଟିଥିଲା । କ୍ଷତିଗ୍ରସ୍ତ ଟ୍ୟାଙ୍କରର ଏମକେଟି ଲିଭିଓଭମ ଭାବେ ଚିହ୍ନିତ ହୋଇଛି । ଏଥିରେ ମାର୍ଶଲ ଦ୍ୱୀପପୁଞ୍ଜର ପତାକା ଲାଗିଥିଲା । ଡ୍ରୋନ ବୋଟ ଆଟାକ ବେଳେ ଏହା ୫୯,୪୬୩ ମେଟ୍ରିକ ଟନ ଜିନିଷ ବହନ କରୁଥିଲା । ଡ୍ରୋନ ବୋଟ ଏଥିରେ ଟିଟି ହେବାରୁ ଟ୍ୟାଙ୍କରରେ ନିଆଁ ଲାଗିବା ସହ ମୁଖ୍ୟ ଇଞ୍ଜିନ ରୁମରେ ବିସ୍ଫୋରଣ ହୋଇଥିଲା । ଘଟଣାରେ ଜଣେ ଭାରତୀୟ କୁ ସବସ୍ୟଙ୍କ ମୃତ୍ୟୁ ହୋଇଛି । ଏଥିରେ ମୋଟ ୨୧ ଜଣ କୁ ରହିଥିଲେ । ଏମାନଙ୍କ ମଧ୍ୟରେ ୧୬ ଜଣ ଭାରତୀୟ, ୪ ଜଣ ବାଂଲାଦେଶ ଓ ଜଣେ ୟୁକ୍ରେନ ନାଗରିକ ରହିଥିଲେ । ସମସ୍ତ ଜୀବିତ କୁ ସବସ୍ୟଙ୍କୁ ମର୍ଚାଂଟ ଶିପ ଗଠ SAND ଦ୍ୱାରା ଉଦ୍ଧାର କରାଯାଇଛି । ଏହି ଶିପଟି ପାନାମ ପତାକା ଲଗାଇ ଆଗକୁ ବଢୁଥିଲା । ମାରିଟାଇମ ସୁରକ୍ଷା କେନ୍ଦ୍ର ସହାୟତାରେ ସବୁ କିଛି କରାଯାଇଥିବା ଓମାନ କହିଛି । କ୍ଷତିଗ୍ରସ୍ତ ଟ୍ୟାଙ୍କରର ସମୀକ୍ଷା କରିବାକୁ ଓମାନର ରୟାଲ ନୌସେନା ପକ୍ଷରୁ ଗୋଟିଏ ଜାହାଜ ମୁତୟନ କରାଯାଇଛି । ଏଥିସହ ଭଲ ଅଂଚଳ ବେଲ ଅନ୍ୟ ଜାହାଜଗୁଡ଼ିକ ଯେମିତି ନ ଯିବ, ସେଥିପାଇଁ ବିଜ୍ଞାପକ ଧ୍ୱନିଂ ଜାରି କରାଯାଇଛି । ତେବେ ଏପରି ଡ୍ରୋନ ବୋଟ ଆଟାକ ପଛରେ କିଏ ରହିଛି, ସେକଥା ସ୍ପଷ୍ଟ ହୋଇନି । ଇସ୍ରାଏଲ ଓ ଆମେରିକା ସହ ତିକ୍ତତା କାରଣରୁ ଷ୍ଟେଟ ଅଫ ହର୍ମୁଜ ଆଡ଼କୁ ଆସୁଥିବା ଜାହାଜଗୁଡ଼ିକୁ ସତର୍କ କରାଇଥିବା ଜଣାଯାଇ । ତେଣୁ ଏହି ଆଟାକ ପଛରେ ଇରାନ ଥିବା କୁହାଯାଉଛି । ଏହାପୂର୍ବରୁ ପାଲଗ ପତାକାଧାରୀ ତୈଳ ଟ୍ୟାଙ୍କର ଷ୍ଟାଏଲାଇଟ ହର୍ମୁଜ ଆଡ଼କୁ ଯାଉଥିବା ବେଳେ ଆକ୍ରମଣର ଶିକାର ହୋଇଥିଲା । ଏଥିରେ ୧୫ ଜଣ ଭାରତୀୟ ରହିଥିଲେ । ଓମାନର ସୁଆନଦମ ଠାରେ ହୋଇଥିବା ଏହି ଆକ୍ରମଣରେ ୪ ଜଣ ଆହତ ହୋଇଥିଲେ ।

ଭାରତ ଠାରୁ ହାରିଥିବା ପାକିସ୍ତାନ ଖେଳାଳିଙ୍କ ଉପରେ ଲାଗିଲା ମୋଟା ଅଙ୍କର ଫାଇନ

ନୂଆଦିଲ୍ଲୀ, ୨/୩(ନ୍ୟୁ.ଏ): ଚଳିତ ଟି-୨୦ ବିଶ୍ୱକପରେ ଭାରତ ଠାରୁ ଗ୍ରୁପ ପର୍ଯ୍ୟାୟରେ ହାରିଥିବା ପାକିସ୍ତାନ ସୁପର ୮ କୁ ଆଗକୁ ଯାଇ ପାରିନାହିଁ । ଦଳର ପ୍ରଦର୍ଶନ ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା । ପାକିସ୍ତାନ କ୍ରିକେଟ ଟିମ ସେମି ଫାଇନାଲକୁ ଯିବାରେ ବିଫଳ ହେବା ଓ ଭାରତ ଠାରୁ ଗ୍ରୁପ ପର୍ଯ୍ୟାୟରେ ହାରିଥିବାରୁ ଏବେ ସେମାନଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ଜାତୀୟ ଟିମର ଖେଳାଳିଙ୍କ ଉପରେ ମୋଟା ଅଙ୍କର ଜୋରିମାନା ଲଗାଇଛି ପାକିସ୍ତାନ କ୍ରିକେଟ ବୋର୍ଡ ବା ପିସିବି । ଜାତୀୟ ଟିମର ଖେଳାଳିଙ୍କ ଉପରେ ପିସିବି ପାକିସ୍ତାନ ମୁଦ୍ରା ୫ ମିଲିୟନ ବା ୧୬.୨୮ ଲକ୍ଷ ଟଙ୍କା ଲେଖାଏ ଫାଇନ ଲାଗୁ କରିଛି । ଏନେଇ ଏକ୍ସପ୍ରେସ ଟ୍ରିବ୍ୟୁନରେ ଖବର ପ୍ରକାଶ ପାଇଛି । ରିପୋର୍ଟରେ ଦାବି କରାଯାଇଛି ଯେ ଜୋରିମାନା ଲାଗୁ ନିଷ୍ପତ୍ତି ପିସିବି ଭାରତ ବିପକ୍ଷ ମ୍ୟାଚ୍ ପାକିସ୍ତାନ ହାରିବା ପରଠାରୁ ନେଇ ସାରିଥିଲା । କିନ୍ତୁ ପାକିସ୍ତାନ ସୁପର ୮କୁ ବିଦା ହେବା ପରେ ଜୋରିମାନା ନିର୍ଦ୍ଦେଶ ଖବର ସାମ୍ନାକୁ ଆସିଛି । ପାକିସ୍ତାନ ଗ୍ରୁପ ପର୍ଯ୍ୟାୟରେ ଭାରତ ଠାରୁ ହାରିଥିଲେ ମଧ୍ୟ ସୁପର ୮କୁ ଯାଇଥିଲା । ଦଳ ସେଠାରେ ଜିଂଲଣ୍ଡ ଠାରୁ ହାରିଥିଲା ଓ ଶ୍ରୀଲଙ୍କା ଠାରୁ ମାତ୍ର ୫ ରନରେ ଜିତିଥିଲା । ଶ୍ରୀଲଙ୍କା ବିପକ୍ଷ ବିଜୟ ସତ୍ତ୍ୱେ ଦୁର୍ବଳ ରନ ରେଟ ପାଇଁ ପାକିସ୍ତାନ ସେମିରେ ପହଂଚି ପାରି ନାହିଁ । ଟି-୨୦ ବିଶ୍ୱକପରେ ପାକିସ୍ତାନ ଖେଳାଳିଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିବାରୁ ପିସିବି ଅଧିକାରୀମାନେ ଏହାକୁ ନେଇ ଖୁସି ଗହିଛନ୍ତି । ପୁଣି ଗୋଟିଏ ଆଇସିସି ଇଭେଣ୍ଟରେ ପାକିସ୍ତାନ ସେମିରେ ପହଂଚିବାକୁ ବିଫଳ ହୋଇଥିବାରୁ ପିସିବି ସେମାନଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛି । ସେହିପରି ପାକିସ୍ତାନ ଖେଳାଳିଙ୍କ ବିଶ୍ୱକପ ପ୍ରଦର୍ଶନକୁ ଦେଖେଇ ଅନେକ ପୂର୍ବତନ ଖେଳାଳି ସମାଲୋଚନା କରିଛନ୍ତି । ତେଣୁ ଆଗାମୀ ଦିନରେ ପାକିସ୍ତାନ ଟି-୨୦ ଅଧିନାୟକ ସଲମାନ ଅଲୀ ଆଗାଙ୍କ ପଦବ ମଧ୍ୟ ଯାଇପାରେ । ସେହିପରି କୋଚ ମାଇକ ହେସନଙ୍କୁ ବି ପିସିବି ବିଦାୟ କରିପାରେ । ପାକିସ୍ତାନର ବ୍ୟକ୍ତି ସବୁଠାରୁ ଚିନ୍ତାଜନକ ରହିଥିବାରୁ ଏହା ଉପରେ ପିସିବି ବିଶେଷ ଧ୍ୟାନ ଦେବାକୁ ଚିନ୍ତା କରୁଛି । ଦଳରେ ଥିବା ବାବର ଆଜମ, ଅଧିନାୟକ ସଲମାନ ଅଲୀ, ଶାଦାବ ଖାନ, ଶାହୀନ ଶାହ ଆଫ୍ରିଦି ଓ ମହମ୍ମଦ ନୱାଜଙ୍କୁ ତାରୁ ସମାଲୋଚନାର ସାମ୍ନା କରିବାକୁ ପଡ଼ିଛି । ଏପରି କି ସଲମାନ ଅଲୀ ଆଗା ପାକିସ୍ତାନ ଫେରିବା ପରେ ଅଧିନାୟକ ପଦରୁ ଇସ୍ତଫା ଦେବେ ବୋଲି ମଧ୍ୟ ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି ।

ଖାମେନେଇଙ୍କୁ ହରାଇ ଶୋକରେ ବୁଡ଼ିଛି କର୍ଣ୍ଣାଟକ ଆଲିଗଡ ଗାଁ

ନୂଆଦିଲ୍ଲୀ, ୨/୩(ନ୍ୟୁ.ଏ): ୩ ଦିନ ହେବ ଜଳୁଛି ମଧ୍ୟପ୍ରାଚ୍ୟ । ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନ ଛାରଖାର ହୋଇଛି । ତାର ସର୍ବୋଚ୍ଚ ନେତା ଖାମେନେଇଙ୍କୁ ହରାଇଛି । ଇରାନ ହି ଜବାବୀ ହମଲା କରିଛି । ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୁ ଖାମେନେଇଙ୍କୁ ହରାଇବା ପରେ ରକ୍ତମୁଖା ହୋଇଉଠିଛି ଇରାନ । ପ୍ରତିଶୋଧ ସ୍ୱରୂପ ଇସ୍ରାଏଲ ଉପରେ ସାଙ୍ଘାତିକ ଆକ୍ରମଣ କରିଛି । ଜବାବୀ ହମ୍‌ଲାରେ ଡ୍ରୋନ ଓ ମିସାଇଲ ମାଡ଼ କରି ମଧ୍ୟପ୍ରାଚ୍ୟକୁ ଥରାଇ ଦେଇଛି । ଦୁଇଗୁଡ଼ୁ ବେଶୀ ପର୍ଯ୍ୟନ୍ତ ଇରାନର ହମ୍ଳାରେ ଅତିଷ୍ଠିତ । ଖେମେନେଇଙ୍କ ମୃତ୍ୟୁକୁ ନେଇ ଇରାନରେ ମିଶ୍ର ପ୍ରତିକ୍ରିୟା ରହିଥିବା ବେଳେ ଦେହେରାନଠୁ ହଜାର ହଜାର କିମି ଦୂର କର୍ଣ୍ଣାଟକର ବିଜୁବାଲାପୁରରେ ଶିଆ ମୁସଲମାନ ବହୁଳ ଅଲିପୁର ଗାଁ ସ୍ପଷ୍ଟ ହୋଇଯାଇଛି । ଗାଁରେ ଏବେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି । ଲୋକମାନେ ତାଙ୍କୁ ବୁଝୁଛନ୍ତି । ଖାମେନେଇଙ୍କ ସମ୍ମାନରେ ଗାଁରେ ରବିବାରଠାରୁ ୩ଦିନିଆ ଶୋକ ପାଳନ କରାଯାଇଛି । ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ସ୍ୱେଚ୍ଛାକୃତ ଭାବେ ବନ୍ଦ ରହିଛି । ସମସ୍ତ ସାର୍ବଜନୀନ କାର୍ଯ୍ୟକ୍ରମ ବାତିଲ କରାଯାଇଛି । ଖାମେନେଇ ଏହି ଗାଁକୁ ୧୯୮୬ ମସିହାରେ ବୁଲି ଆସିଥିଲେ । ଖାମେନେଇଙ୍କ ଏହି ଗସ୍ତ ପରେ ଅଲିପୁର ଗାଁ ସହିତ ଇରାନର ସମ୍ପର୍କ ସୁଦୃଢ ହୋଇଥିଲା । ଗାଁରେ ଖାମେନେଇଙ୍କ ମସିଦ ଏକ ଦର୍ଶନୀୟ ସ୍ଥଳ ହୋଇଯାଇଛି । ଗାଁର ଅଧିକାଂଶ ପରିବାରର ଇରାନ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରହିଛି । ବହୁ ଲୋକ ଇରାନରେ ଯାଇ ପାଠ ପଢିବା ସହିତ ସେଠାରେ ରହୁଛନ୍ତି । ଖାମେନେଇଙ୍କ ମୃତ୍ୟୁରେ ଗାଁରେ ଏକ ଶୋକାକୁଳ ପରିବେଶ ରହିଥିବାବେଳେ ତାଙ୍କ ଆତ୍ମାର ସଦଗତି ପାଇଁ ଶିଆ ମସଜିଦରେ ସ୍ମରଣ ପ୍ରାର୍ଥନା କରାଯାଉଛି ।

ଖାମେନେଇଙ୍କ ସ୍ଥାନ ନେଇଥିବା ଅରାଫି ଏୟାର ଷ୍ଟ୍ରାଇକରେ ମୃତ !

ନୂଆଦିଲ୍ଲୀ, ୨/୩(ନ୍ୟୁ.ଏ): ମାତ୍ର ୨୪ ଘଂଟା ତଳେ ଇରାନର ଅନ୍ତରୀଣ ସୁପ୍ରିମ ଲିଡର ହୋଇଥିବା ଆୟାତୁଲ୍ଲା ଅଲାରେଜା ଅରାଫି ମୃତ । ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନରେ କରୁଥିବା ଏୟାର ଷ୍ଟ୍ରାଇକରେ ତାଙ୍କର ମୃତ୍ୟୁ ହୋଇଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ବିଶେଷ କରି ଇସ୍ରାଏଲ ଗଣମାଧ୍ୟମଗୁଡ଼ିକ ଏପରି ଖବର ପ୍ରକାଶ କରିଛନ୍ତି । କିନ୍ତୁ ଏନେଇ ଇରାନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ । ଶନିବାର ଆମେରିକା ଓ ଇସ୍ରାଏଲ ପକ୍ଷରୁ ହେହେରାନ ସମେତ ଇରାନର ବିଭିନ୍ନ ସ୍ଥାନରେ ଏୟାର ଷ୍ଟ୍ରାଇକ କରାଯାଇଥିଲା । ଏଥିରେ ଇରାନ ସୁପ୍ରିମ ଲିଡର ଆୟାତୁଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ ଘଟିଥିଲା । ଏହାପରେ ଅରାଫି ଇରାନର ଅନ୍ତରୀଣ ସୁପ୍ରିମ ଲିଡର ଭାବେ ବାୟିତ୍ୱ ନେଇଥିଲେ । କିନ୍ତୁ ସେ ବାୟିତ୍ୱ ନେବାର କିଛି ଘଂଟା ମଧ୍ୟରେ ଇସ୍ରାଏଲ ଓ ଆମେରିକା କରିଥିବା ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଥିବା ରିପୋର୍ଟ ପ୍ରକାଶ ପାଇଛି । ଅରାଫିଙ୍କ ମୃତ୍ୟୁ ଖବର ଦ୍ରୁତଗତିରେ ବ୍ୟାପୁଥିବା ବେଳେ ଏଯାଏ ଇରାନ ଗଣମାଧ୍ୟମ କୌଣସି ସ୍ପଷ୍ଟୀକରଣ ଦେଇନାହିଁ । ଯଦି ଏହି ଖବରରେ ସତ୍ୟତା ରହିଛି, ତା'ହେଲେ ଯୁଦ୍ଧ ମଧ୍ୟରେ ଇରାନରେ ନେତୃତ୍ୱ ସଙ୍କଟ ବେଶ ଟ୍ୟାଲେଞ୍ଜ ସୃଷ୍ଟି କରିବ । ଖାମେନେଇଙ୍କ ମୃତ୍ୟୁ ପରେ ଇରାନ ନିଜ ସମ୍ବିଧାନର ଧାରା ୧୧୧କୁ କାର୍ଯ୍ୟକାରୀ କରିଥିଲା । ସୁପ୍ରିମ ଲିଡରଙ୍କ ଦାୟିତ୍ୱ ନେବାକୁ ୩ ଜଣିଆ ଅନ୍ତରୀଣ ନେତୃମଣ୍ଡଳୀ ପରିଷତ ଗଠନ କରାଯାଇଥିଲା । ଏଥିରେ ଅରାଫିଙ୍କୁ ଗାର୍ଡିଆନ କାଉନସିଲର ଜୁରିଷ୍ଟ ପ୍ରତିନିଧି ଭାବେ ନିଯୁକ୍ତି ମିଳିଥିଲା । ସ୍ଥାୟୀ ସୁପ୍ରିମ ଲିଡର ନିଯୁକ୍ତ ହେବା ଯାଏ ସେ ଏହି ପଦରେ କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ହୋଇଥିଲା । ୧୯୫୯ରେ ଜନ୍ମିତ ଅରାଫି କୌଣସି ସ୍ୱୀକୃତିରେ ଦେଇନାହିଁ । ଯଦି ଏହି ଖବରରେ ସତ୍ୟତା ରହିଛି, ତା'ହେଲେ ଯୁଦ୍ଧ ମଧ୍ୟରେ ଇରାନରେ ନେତୃତ୍ୱ ସଙ୍କଟ ବେଶ ଟ୍ୟାଲେଞ୍ଜ ସୃଷ୍ଟି କରିବ । ଖାମେନେଇଙ୍କ ମୃତ୍ୟୁ ପରେ ଇରାନ ଜଣେ ମେଧାବୀ ଭାବେ ସେ ଇମାମ ପଦ୍ୱି ଥିଲେ ଓ ମୁଜତାହିଦ ପାହ୍ୟାକୁ ପଦୋନ୍ନତି ପାଇଥିଲେ । ମୁଜତାହିଦ ଭାବେ ସେ ସ୍ୱାଧୀନ ଭାବେ ଇସଲାମିକ ଜିଗାଲ ଗୁଳି ଦେବାକୁ ଅଧିକାର ରଖିଛନ୍ତି ।

ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ହୋଇଥିବା ଇରାନର ଅଭିଯୋଗ

ତେହେରାନ, ୨/୩(ନ୍ୟୁ.ଏ): ନାତାଞ୍ଜରେ ଥିବା ଏହାର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ହୋଇଥିବା ଇରାନର ରାଷ୍ଟ୍ରଦୂତ ରେଜା ନଜାଫି ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଏଏ) ଆଗରେ ଅଭିଯୋଗ କରିଛନ୍ତି । ଇରାନ ପରମାଣୁ ଅସ୍ତ୍ର ନିର୍ମାଣ କରିବା ଅଭିଯୋଗରେ ଆମେରିକା ଓ ଇସ୍ରାଏଲ ଏହାର ନାତାଞ୍ଜ ପରମାଣୁ ସ୍ଥଳ ଉପରେ ରବିବାର ଆକ୍ରମଣ କରିଥିଲେ । ଇରାନ ଉପରେ ଆକ୍ରମଣକୁ ନଜାଫି ବେଆଇନ, ଅପରାଧିକ ତଥା ନୃଶଂସତା ବୋଲି ଦର୍ଶାଇଛନ୍ତି । ଇରାନ ପରମାଣୁ ଅସ୍ତ୍ର ବିକଶିତ କରୁଥିବା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି । ଇରାନର ଅଭିଯୋଗ ଉପରେ ଆମେରିକା ଓ ଇସ୍ରାଏଲ ପକ୍ଷରୁ କୌଣସି ଜବାବ ଆସିନାହିଁ । ତେବେ ଆଇଏଏଏ ମଧ୍ୟପ୍ରାଚ୍ୟ ସ୍ଥିତି ଉପରେ ଚିନ୍ତା ପ୍ରକଟ କରିବା ସହିତ ସମସ୍ତ ପକ୍ଷକୁ ସଂଯମ ରକ୍ଷା କରିବାକୁ କହିଛନ୍ତି । ଆମେରିକା-ଇସ୍ରାଏଲ ଇରାନର ପରମାଣୁ ସ୍ଥଳ ଉପରେ ଆକ୍ରମଣ କରିବାର କୌଣସି ପ୍ରମାଣ ମିଳିନାହିଁ ବୋଲି ଆଇଏଏଏ ନିର୍ଦ୍ଦେଶକ ଜେରେଲାର ରାଫେଲ ଗ୍ରୋସି କହିଛନ୍ତି । ଗ୍ରୋସି ଏଜେନ୍ସୀ ଓ ଜଣିଆ ସଂସ୍ଥାଙ୍କୁ କହିଛନ୍ତି ଯେ, ଇରାନର ପରମାଣୁ ସ୍ଥଳ କ୍ଷତିଗ୍ରସ୍ତ ହେବାର କୌଣସି ପ୍ରମାଣ ପାଇନାହାନ୍ତି । ଇରାନର ପରମାଣୁ ନିୟାମକ କର୍ତ୍ତୃପକ୍ଷଙ୍କ ସହିତ ଆଇଏଏଏର କୌଣସି ସମ୍ପର୍କ ସ୍ଥାପନ ହୋଇପାରି ନାହିଁ । ରୟର୍ସ ରିପୋର୍ଟ ଅନୁଯାୟୀ, ଆଇଏଏଏ ମୁଖ୍ୟ ଗ୍ରୋସି ମଧ୍ୟ କହିଛନ୍ତି ଯେ, ଏପର୍ଯ୍ୟନ୍ତ ଇରାନ ସାମାବର୍ତ୍ତୀ ଦେଶଗୁଡ଼ିକରେ ସାଧାରଣ ପୃଷ୍ଠଭୂମି ଷ୍ଟରଠାରୁ ଅଧିକ ବିକିରଣ ସ୍ତର ଚିହ୍ନଟ ହୋଇନାହିଁ ।

ଦୋହଲିଗଲା ଷ୍ଟକ୍ ବଜାର: ସେନ୍‌ସେକ୍ସ ୧୦୪୮ ପଏଂଟ୍ ଖସିଲା

ମୁମ୍ବାଇ, ୨/୩(ନ୍ୟୁ.ଏ): ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ପ୍ରଭାବରେ ସୋମବାର ସମଗ୍ର ଏସିଆର ଷ୍ଟକ୍ ବଜାର ଦୋହଲିଯାଇଛି । ଭାରତଠାରୁ ଆରମ୍ଭ କରି ପାକିସ୍ତାନ ପର୍ଯ୍ୟନ୍ତ ଚମ୍ପିଆଡ଼େ ମୁଦ୍ରାର ଡାଟ ଅନୁଭୂତ ହୋଇଛି । ନିବେଶକମାନେ ସେୟାର ବିକ୍ରି କରିବାରୁ ବରେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୦୪୮ ପଏଂଟ୍ ହ୍ରାସ ପାଇ ୮୦,୨୩୯ ପଏଂଟ୍‌ରେ ବନ୍ଦ ହୋଇଛି । ସେହିପରି, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୩୧୩ ପଏଂଟ୍ ହ୍ରାସ ପାଇ ୨୪,୮୬୬ ପଏଂଟ୍‌ରେ ବନ୍ଦ ହୋଇଛି । ଭୂରାଜନୈତିକ ଉତେଜନା ଓ ଯୁଦ୍ଧ ଭଳି ସ୍ଥିତି ବଢୁଥିବାରୁ ଦେଶରେ ବଦଳାମ୍